

ବର୍ଷ – ୨୦୨୨ ମାସ – ଜୁଲାଇ

କୁଇ ସମାଜ ଯୁବ ପରିଷଦ ଓ କୁଇ ସମାଜ ସେବା ସମିତି



# ଶୁଭେଚ୍ଛା ବାର୍ତ୍ତା

**ଡାକ୍ତର ନୀରଦ ଚନ୍ଦ୍ର କହଁର**

ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ବୌଦ୍ଧ

ମୁଁ ଏହା ଜାଣି ଅତ୍ୟନ୍ତ ଖୁସି ଯେ ,କୁଇ ସମାଜ ଯୁବ ପରିଷଦ ,କନ୍ଧମାଳ " କୁଇ ଦିନା " ପତ୍ରିକାକୁ ପୁନରୁଦ୍ଧାର କରିବାକୁ ଯାଉଛି ।କୁଇ ସମାଜ ସେବା ସମିତି ଫୁଲବାଣୀର ପୂର୍ବତନ ସମ୍ପାଦକ ସ୍ୱର୍ଗତ ଶ୍ରୀଯୁକ୍ତ କୁମୁଦ ଚନ୍ଦ୍ର ମଲ୍ଲିକଙ୍କ ଦ୍ୱାରା ସମ୍ପାଦିତ ହେଉଥିବା କୁଇ ଦିନା ପତ୍ରିକାର ପୁନର୍ଜନ୍ମ ଦେବା ପାଇଁ କୁଇ ସମାଜ ଯୁବ ପରିଷଦ ଆଗଭର ହୋଇଅଛି । ୧୯୯୫ ରୁ ୧୯୯୮ ପର୍ଯ୍ୟନ୍ତ ଏହି ପତ୍ରିକା ପ୍ରତ୍ୟେକ ମାସରେ ପ୍ରକାଶିତ ହେଉଥିଲା । ସେତେବେଳେ ସ୍ୱର୍ଗତ ତ୍ରିଲୋଚନ କହଁର ,କୁଇ ସମାଜ ସେବା ସମିତି ଫୁଲବାଣୀ କେନ୍ଦ୍ରର ସଭାପତି ଭାବରେ କାର୍ଯ୍ୟ କରୁଥିଲେ । ମୁଁ କୁଇ ସମାଜ ଯୁବ ପରିଷଦ ,କନ୍ଧମାଳର ପ୍ରଥମ ସଭାପତି ଭାବେ କାର୍ଯ୍ୟରତ ଥିଲି । ପ୍ରଫେସର ତ୍ରିଲୋଚନ କହଁରଙ୍କ ପୁତ୍ର ଅମରେନ୍ଦ୍ର କହଁର ଓ ଫୁଲବାଣୀ ସାହିର ସମରେନ୍ଦ୍ର ଦାସ କାର୍ଯ୍ୟକାରୀ ସମ୍ପାଦକ ଭାବରେ କୁଇ ଦିନା  ସମ୍ପାଦନ କରୁଥିଲେ । ଆମ୍ଭେମାନେ କିଛି କିଛି ଲେଖା ପ୍ରତ୍ୟେକ ମାସରେ ଦେଉଥିଲୁ । ମାସିକ ପତ୍ରିକା କୁଇ ଦିନାର ମୂଲ୍ୟ ଥିଲା ଏକ ଟଙ୍କା ମାତ୍ର ।ଏହି ପତ୍ରିକା ବିଭିନ୍ନ କାରଣରୁ ବନ୍ଦ ହୋଇ ଯାଇଥିଲା । ପ୍ରଥମତଃ ଲେଖା ଅଭାବ ,ଦ୍ୱିତୀୟତଃ ଆର୍ଥିକ ଦୁରାବସ୍ଥା । ଯାହାହେଉ ପାତ୍ରିକାରେ କନ୍ଧମାଳ ଜିଲ୍ଲାର ଭଲ ମନ୍ଦ ଖବର ,ସାମାଜିକ ଖବର ,ରାଜନୈତିକ ଖବର ,ଶିକ୍ଷା ସମ୍ବନ୍ଧୀୟ ଖବର ,ବିଭିନ୍ନ ସମାଜିକ ସମସ୍ୟା ଆଦିକୁ ନେଇ ଖବର ପ୍ରକାଶ ହେଉଥିଲା ।

ଏହି ପତ୍ରିକା ମୂଳ ରୂପରେ ପୁନର୍ଜନ୍ମ ଲାଭ ନକଲେ ମଧ୍ୟ କୁଇ ସମାଜ ଯୁବ ପରିଷଦର ମହତ ଉଦ୍ଦେଶ୍ୟ ,ଦୃଢ ପ୍ରୟାସ ,ପ୍ରବଳ ଇଚ୍ଛା ଶକ୍ତିକୁ ସାଧୁବାଦ ନ ଜଣାଇ ମୁଁ ରହିପାରୁ ନାହିଁ । ଯୁବପରିଷଦ ର ସଭାପତି ଶ୍ରୀ ଦେବାଶିଷ କହଁରଙ୍କୁ ମଧ୍ୟ ଅନେକ ସାଧୁବାଦ ଅର୍ପଣ କରୁଅଛି କାରଣ ତାଙ୍କରି ପ୍ରୟାସରେ ହିଁ ଆନେକ ଦିନରୁ ଶୋଇ ରହିଥିବା କୁଇ ସମାଜ ଯୁବ ପରିଷଦ ପୁନର୍ଜୀବିତ ହୋଇଛି ଏବଂ ବର୍ତମାନ କୁଇଦିନା ମଧ୍ୟ ପୁନର୍ଜୀବନ ପାଇବାକୁ ଯାଉଛି । ଏହି ପତ୍ରିକା ପୂର୍ଣାଙ୍ଗ ରୂପ ପ୍ରାପ୍ତ କରିବ ଏବଂ ଆଦିବାସୀ ସମାଜର କଲ୍ୟାଣ କରିପାରିବ ଏହି ଆଶା ଏବଂ ବିଶ୍ୱାସ ରଖି ମୋ କଲମ କୁ ବିରାମ ଦେଉଛି ।

ଧନ୍ୟବାଦ

ଡା ନୀରଦ ଚନ୍ଦ୍ର କହଁର

ମୁଖ୍ୟ ସମ୍ପାଦକ ,କୁଇ ଭାଷା ସାହିତ୍ୟ ସମିତି,ଓଡିଶା

# କୁଇ ଦିନା

## କନ୍ଧମାଳ



କୁଇ ସମାଜ ଦ୍ୱାରା ପ୍ରକାଶ ହେଉଥିବା ମାସିକ ପତ୍ରିକା


**ବର୍ଷ : ୨୦୨୨ ମାସ : ଜୁଲାଇ**

**ସମ୍ପାଦକ :** ଶ୍ରୀ ଅଚ୍ୟୁତ ଯାନୀ ,( ସମ୍ପାଦକ ,କୁଇ ସମାଜ ଯୁବ ପରିଷଦ )

**ସମ୍ପାଦନା ମଣ୍ଡଳୀ :**

ଅଧ୍ୟାପକ ତୀର୍ଥ ଯାନୀ

ଶ୍ରୀ ସୁଦର୍ଶନ କହଁର

ଡା. ନୀରଦ ଚନ୍ଦ୍ର କହଁର

ଶ୍ରୀ ପ୍ରଦୀପ କହଁର

ଶ୍ରୀ ଅବନୀ କୁମାର କହଁର

ଶ୍ରୀ ଗୋଲକ ବିହାରୀ କହଁର

ପ୍ରକାଶକ : କୁଇ ସମାଜ ଯୁବ ପରିଷଦ କନ୍ଧମାଳ ଏବଂ

କୁଇ ସମାଜ ସେବା ସମିତି ଫୁଲବାଣୀ

ମୂଲ୍ୟ – ୩୦ ଟଙ୍କା ମାତ୍ର




## ଭାରତର ପ୍ରଥମ ଆଦିବାସୀ ମହିଳା ରାଷ୍ଟ୍ରପତି : ଶ୍ରୀମତୀ ଦ୍ରୌପଦୀ ମୁର୍ମୁ

ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଭାରତର ପ୍ରଥମ ଆଦିବାସୀ ମହିଳା ରାଷ୍ଟ୍ରପତି ହେବାର ଗୌରବ ଅର୍ଜନ କରିଛନ୍ତି । ଏକ ସାଧାରଣ ଆଦିବାସୀ ପରିବାରରୁ ଭାରତ ଗଣତନ୍ତ୍ରର ରାଷ୍ଟ୍ରପତି ପଦ ଅଳଙ୍କୃତ କରିଥିବା ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆମ ଆଦିବାସୀ ସମାଜ ପାଇଁ ଗର୍ବ ଓ ଗୌରବ । ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ତାଙ୍କ ସଂଘର୍ଷ ଏବଂ କଠିନ ପରିଶ୍ରମ ବଳରେ ଦେଶର ସର୍ବୋଚ୍ଚ ପଦ ପର୍ଯ୍ୟନ୍ତ ପହଞ୍ଚି ପାରିଛନ୍ତି ।

ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ୨୦ ଜୁନ ୧୯୫୮ ମସିହାରେ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ନିକଟସ୍ଥ **ବାଇଦାପୋଷି** ଗ୍ରାମର ଏକ ସାନ୍ତାଳୀ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ରାଇରଙ୍ଗପୁରରୁ ସମାପ୍ତ କରିବା ପରେ ସେ ରମାଦେବୀ ମହିଳା ମହାବିଦ୍ୟାଳୟ, ଭୁବନେଶ୍ୱରରୁ ଉଚ୍ଚ ଶିକ୍ଷା ପ୍ରାପ୍ତ କରିଥିଲେ । ସେ ତାଙ୍କ ଗ୍ରାମର ପ୍ରଥମ ଝିଅ ଥିଲେ ଯେ ଉଚ୍ଚ ଶିକ୍ଷା ଲାଭ କରିଥିଲେ । ପରେ ସେ ଓଡ଼ିଶା ସରକାରଙ୍କ ଜଳସେଚନ ବିଭାଗରେ ଚାକିରୀ କରିଥିଲେ । ୧୯୮୩ରେ ଏହି ଚାକିରୀ ଛାଡ଼ି ରାଇରଙ୍ଗପୁରରେ ଶିକ୍ଷକତା କରିଥିଲେ ।

ସେ ୧୯୯୭ରେ ନିଜ ରାଜନୀତି ଜୀବନ ରାଇରଙ୍ଗପୁରର କାଉନ୍ସିଲର ଭାବେ ନିର୍ବାଚିତ ହୋଇ ଆରମ୍ଭ କରିଥିଲେ । ସେ ୨୦୦୦-୦୪ ଓ ୨୦୦୪-୦୯ ଦୁଇଥର ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ । ୨୦୦୦-୨୦୦୪ ପର୍ଯ୍ୟନ୍ତ ଓଡ଼ିଶା ସରକାରରେ ମନ୍ତ୍ରୀ ଭାବରେ ମଧ୍ୟ ଦାୟୀତ୍ୱ ନିର୍ବାହନ କରିଥିଲେ।୨୦୧୫ରୁ ୨୦୨୧ ପର୍ଯ୍ୟନ୍ତ ଝାଡ଼ଖଣ୍ଡର ରାଜ୍ୟପାଳ ନିଯୁକ୍ତ ହୋଇଥିଲେ । ଦେଶର ପଞ୍ଚଦଶ ରାଷ୍ଟ୍ରପତି ଭାବେ ତାଙ୍କୁ ଭାରତୀୟ ଜନତା ପାର୍ଟି ତରଫରୁ ପ୍ରାର୍ଥୀ କରଯାଇଥିଲା ଏବଂ ସେ ନିର୍ବାଚନ ରେ ବିଜୟୀ ହୋଇ ୨୫ ଜୁଲାଇ ୨୦୨୨ ଦିନ ଶପଥ ନେଇ ଭାରତରେ ଏତିହାସ ରଚିଛନ୍ତି । ଆଜି ତାଙ୍କ ପାଇଁ ଆମ ଆଦିବାସୀ ସମାଜ ଗର୍ବିତ ମାନେ କରୁଛି । କୁଇ ସମାଜ ତରଫରୁ ମହାମହିମ ଦ୍ରୌପଦୀ ମୁର୍ମୁଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଏବଂ ଆଶା କରୁଛୁ ଯେ ସେ ମର୍ଯ୍ୟାଦାର ସହ ନିଜ ଦାୟୀତ୍ୱ ନିର୍ବାହନ କରି ଆଦିବାସୀ ସମାଜର ଟେକ ରଖିବେ ।

# ସୂଚୀପତ୍ର


ସମ୍ପାଦକୀୟ .......... ପୃଷ୍ଠା- ୦୧

ସଭାପତିଙ୍କ ବାର୍ତ୍ତା ............. ୦୩

ସମାଚାର ............ ୦୫

ଜହାରି ଡିମ୍ବୁଲି ସରୁ ( କବି : ପ୍ରଦୀପ କହଁର ) .......... ୦୯

କାଙ୍ଗା ଜପା ( କବି : ବେଦବର ପ୍ରଧାନ )............... ୧୦

ଭଜେ କାତା (କବି : ଲଙ୍କେଶ୍ୱର କହଁର )............... ୧୧

ପେନିଗାଡି ( କବି : ମଙ୍ଗରାଜ ପ୍ରଧାନ )............... ୧୨

କୁଇ କାତା ଗ୍ରାମ୍ବିନା ( କବି : ଉତ୍କଳ ରଞ୍ଜନ ପ୍ରଧାନ ).......... ୧୩

ମାଇ କାତା ତାରି ପ୍ଲାନାରୀ ( କବି : ସଞ୍ଜୀବ କୁମାର କହଁର ).... ୧୪

ବାଦୁ ପଡ଼ିଆନା ଦିନା ଭଜାଡ଼ି ଗିନା ( ଶ୍ରୀମତି ହୀରାମତି କହଁର)..... ୧୬

ନିମ୍ବାକାରି କୁଇ ( କବି : ଲମ୍ବୋଦର ପ୍ରଧାନ )............ ୧୭

ମାନ୍ଦେ କୁଇଦିନା ( କବି : ଧନଞ୍ଜୟ କହଁର )........... ୧୮

ଉଠ ଉଠ ମୋର କନ୍ଧ ଜାତି ( କବି : କୁଞ୍ଜ ବିହାରି କହଁର )......... ୨୦

କୁଇ ସମାଜ କୁଇଜ୍ .................................. ୨୧

ଆଦିବାସୀଙ୍କ ଅଧିକାର – ପଞ୍ଚମ ଅନୁସୂଚି ଏବଂ ଆଦିବାସୀ
( ଦେବାଶିଷ କହଁର )........................... ୨୨

କୁଇ ସମାଜର ଶ୍ରେଷ୍ଠ ପ୍ରତିଭା – ଡାଃ ଦେବେଶ୍ୱର କହଁର
( ଅମରେନ୍ଦ୍ର କହଁର )................. ୨୬

କୁଇ ସାଜା – କୁଇ ଲକୁତାରି ଟେକିଙ୍ଗା ମାସପା
( ବିଶ୍ୱମ୍ବର ପ୍ରଧାନ )..................... ୨୯

SHRI ANGADA KANHAR, M.L.A
84-Phulbani (ST)
ODISHA LEGISLATIVE ASSEMBLY

Mbile No : 9437921708



# ଶୁଭେଚ୍ଛା ବାର୍ତ୍ତା

ଏହା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ ଯେ କୁଇ ସମାଜ ଯୁବ ପରିଷଦ କନ୍ଧମାଳ ତରଫରୁ ' କୁଇ ଦିନା ' ପତ୍ରିକାର ପୁନରୁଦ୍ଧାର କରି ପୁନଃ ପ୍ରକାଶନ କରିବା ପାଇଁ ଉଦ୍ୟମ କରାଯାଉଛି । ଏହି ପତ୍ରିକା କୁଇ ସମାଜ ସେବା ସମିତି ଫୁଲବାଣୀ ଦ୍ବାରା ପୂର୍ବରୁ ପ୍ରକାଶିତ ହେଉଥିଲା । ପୂର୍ବତନ ସମ୍ପାଦକ ସ୍ୱର୍ଗତ କୁମୁଦ ଚନ୍ଦ୍ର ମଲିକଙ୍କ ଦ୍ୱାରା ସମ୍ପାଦିତ ହେଉଥିଲା । ଏହି ପତ୍ରିକା ସେ ସମୟର କନ୍ଧମାଳ ଜିଲ୍ଲାରେ ,ଯେଉଁ ସମୟରେ ଯୋଗାଯୋଗ, ମୋବାଇଲ, ଇଣ୍ଟରନେଟ ଆଦି କିଛି ନ ଥିଲା, ସେତେବେଳେ କୁଇ ସମାଜ ଓ କନ୍ଧମାଳ ଜିଲ୍ଲାର ର ଖବର ସମସ୍ତ ଆଦିବାସୀ ଓ ଅଣ ଆଦିବାସୀଙ୍କ ନିକଟରେ ପହଞ୍ଚାଉ ଥିଲା । ଏଠାରେ କୁଇ ସମାଜ ଓ କନ୍ଧମାଳ ଜିଲ୍ଲାରେ ଘଟୁଥିବା ବିଭିନ୍ନ ଘଟଣାର ଖବର , ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ମୂଲ୍ୟାୟନ, ବିଶିଷ୍ଟ ବ୍ୟକ୍ତି ବିଶେଷ ମାନଙ୍କ ଜୀବନୀ, କୁଇ ସଂସ୍କୃତି ଆଦି ପ୍ରକାଶିତ ହୋଇ ଘରେ ଘରେ ପହଞ୍ଚିଥିଲା । କିନ୍ତୁ ବିଭିନ୍ନ କାରଣରୁ କିଛି ଦିନ ହେବ ଏହାର ପ୍ରକାଶନ ବନ୍ଦ ହୋଇ ଯାଇଥିଲା ।

ଯାହାହେଉ କୁଇ ସମାଜ ଯୁବ ପରିଷଦର ସଭାପତି ଶ୍ରୀ ଦେବାଶିଷ କହଁରଙ୍କ ଉଦ୍ୟମ କ୍ରମେ ଏହାର ପୁନଃପ୍ରକାଶ ପାଇଁ ପ୍ରୟାସ ଆନନ୍ଦର ବିଷୟ । ମୁଁ ଯୁବ ପରିଷଦର ସଭାପତି ଓ ଏହାର ସମସ୍ତ କର୍ମକର୍ତ୍ତାଙ୍କୁ ବହୁତ ବହୁତ ଧନ୍ୟବାଦ ଜ୍ଞାପନ କରୁଛି । ମୋର ଆଶା ଏହି ପତ୍ରିକା ପୁଣି ତାର ଗୌରବ ଫେରି ପାଇବ ଓ ସମାଜର ମଙ୍ଗଳ କରିବ । ଭଗବାନଙ୍କ ନିକଟରେ ପତ୍ରିକାର ଉତ୍ତରୋତ୍ତର ଉନ୍ନତି କାମନା କରି ମୋର କଲମକୁ ବିରାମ ଦେଉଛି ।

**ଜୟ କୁଇ ସମାଜ**

**ଅଙ୍ଗଦ କହଁର**
**ବିଧାୟକ , ଫୁଲବାଣୀ**

ସମ୍ପାଦକୀୟ.................

" କୁଇ ଦିନା " ପତ୍ରିକା , କୁଇ ସମାଜ ସେବା ସମିତି ଦ୍ୱାରା ପ୍ରକାଶ ହେଉଥିବା ମାସିକ ପତ୍ରିକା ।ଏହି ପତ୍ରିକା କୁଇ ସମାଜର ଦର୍ପଣ ତଥା ଖବର ଆଦାନ ପ୍ରଦାନ ପାଇଁ ସମ୍ବାଦ ପତ୍ର ପରି କାର୍ଯ୍ୟକରୁଥିଲା।କୁଇଦିନା ଆମ କୁଇ ସମାଜ,କୁଇ ଭାଷା,ସାହିତ୍ୟ,ସଂସ୍କୃତିର ଏକ ବାର୍ତ୍ତାବହ ଥିଲା। ଆମ ସମାଜ ର ପ୍ରତ୍ୟେକ ଖବର ସଂଗ୍ରହ କରି ଏହା ଲୋକୋଲୋଚନ କୁ ଅଣୁଥିଲା। ଆମ ସମାଜର ସମସ୍ୟା ଗୁଡ଼ିକୁ ଲୋକୋଲୋଚନକୁ ଆଣି ସମାଧାନର ବାଟ ଦେଖାଉଥିଲା ।ଏହି ପତ୍ରିକାରେ କୁଇ ସମାଜର ବିକାଶ ପାଇଁ ବିଭିନ୍ନ ଲେଖା ,ଆଦିବାସୀଙ୍କ ଅଧିକାର ଉପରେ ପ୍ରବନ୍ଧ ,କବିତା ,ଗପ ଆଦି ଅନେକ ଲେଖା ପ୍ରକାଶ ପାଉଥିଲା। ଯାହା ଆମ କୁଇ ଲୋକମାନଙ୍କ ମଧ୍ୟରେ ସୃଜନଶୀଳତାର ବିକାଶ ସାଧନ କରୁଥିଲା । ଲୋକମାନେ ଏହା ଦ୍ୱାରା କୁଇ ସମାଜ ସଂଗଠନର କାର୍ଯ୍ୟକୁ ଅତି ସହଜରେ ଜାଣି ପାରୁଥିଲେ ଏବଂ ବୁଝି ପାରୁଥିଲେ ।କୁଇ ସମାଜରେ ଏକତା ପ୍ରତିଷ୍ଠା ଦିଗରେ ମଧ୍ୟ ଏହା ଗୁରୁତ୍ୱପୂର୍ଣ ଭୂମିକା ଗ୍ରହଣ କରୁଥିଲା । ଏହି ପତ୍ରିକା କୁ କୁଇ ସମାଜ ସେବା ସମିତି ଅନେକ ବର୍ଷ ଧରି ପ୍ରକାଶ କରି ଅସୁଥିଲା କିନ୍ତୁ ଆମ କର୍ମକର୍ତ୍ତାଙ୍କ ଆଗ୍ରହ ଓ ସମ୍ବଳ ର ଅଭାବ ହେତୁ ଏହା କିଛି ବର୍ଷ ଧରି ବନ୍ଦ ହୋଇଯାଇଥିଲା । ମୁଁ ଭାବୁଛି ଏହି ପତ୍ରିକା ଆମ ସମାଜ ପାଇଁ ଏକ ଅମୂଲ୍ୟ ସମ୍ପଦ ଥିଲା । ତେଣୁ ଏହାର ପୁନଃରୁଦ୍ଧାର କରି ପୁଣି ପ୍ରକାଶ କରିବା ଅତି ଆବଶ୍ୟକ ଥିଲା ।

ଆମ କୁଇ ସମାଜ ଯୁବ ପରିଷଦର ସଭାପତି ଶ୍ରୀ **ଦେବାଶିଷ କହଁରଙ୍କ** ତତ୍ତ୍ୱାବଧାନରେ ଏହି ପତ୍ରିକାକୁ ଯୁବ ପରିଷଦ ଦ୍ୱାରା ନୂତନ ଭାବରେ ପ୍ରକାଶ ପାଇଁ ସ୍ଥିର କରାଯାଇଛି । ଏହି ପତ୍ରିକାର ସମ୍ପାଦନା ଦାୟିତ୍ୱ ମୋତେ ଦେଇଥିବାରୁ ମୁଁ ସଭାପତିଙ୍କ ନିକଟରେ ମୋର କୃତଜ୍ଞତା ଜ୍ଞାପନ କରୁଅଛି । ପୂର୍ବରୁ ଏହି ପତ୍ରିକା ପ୍ରତି ମାସରେ ପ୍ରକାଶ ପାଉଥିଲା । ତେଣୁ ଆମେ ମଧ୍ୟ ଏହାକୁ ପ୍ରତିମାସରେ ପ୍ରକାଶ କରିବା ପାଇଁ ଚେଷ୍ଟା କରିବୁ । ବହୁ ବର୍ଷ ପରେ ପତ୍ରିକା ବାହାର କରିବା ଏକ କଠିନ କାମ କାରଣ ଏହାର କୌଣସି ପୁରୁଣା ପ୍ରତିଲିପି ଆମ ପାଖରେ ଉପଲବ୍ଧ ନାହିଁ ।

ତଥାପି ତଥାପି ଆମେ ଏହାକୁ ତାର ପୁରୁଣା ରୂପ ଦେବାକୁ ଯଥାସମ୍ଭବ ଚେଷ୍ଟା କରିବୁ । ଆଗକୁ ମଧ୍ୟ ଏହାର ମୌଳିକତା ବଜାୟୀ ରଖିବା ପାଇଁ ଚେଷ୍ଟା କରାଯିବ । ଏହି ପତ୍ରିକାରେ କୁଇ ଓ ଓଡିଆ ଦୁଇଟି ଭାଷାରେ ଲେଖା ରହିବ ।

ଏହି ପ୍ରଥମ ପତ୍ରିକା ପାଇଁ ଲେଖା ଦେଇଥିବା ସମସ୍ତ କବି , ଲେଖକ , ଗାଳ୍ପିକ ମାନଙ୍କୁ ମୁଁ କୃତଜ୍ଞତା ଜଣାଉଛି । ଆଶା କରୁଛି ଏହା ଆମ ପାଠକ ମାନଙ୍କ ଆଦର ଓ ସ୍ନେହ ପାଇବ ତଥା ବହୁଳଭାବରେ ଆଦୃତ ହେବ । ପତ୍ରିକାଟିକୁ ପଢି ସାରିବା ପରେ ମତାମତ ଚିଠି କିମ୍ବା whatsApp କିମ୍ବା email ରେ ପଠାଇବାକୁ ଅନୁରୋଧ ।

ଆପଣଙ୍କ ବିଶ୍ୱସ୍ତ

ଅଚ୍ୟୁତ ଯାନୀ

ସମ୍ପାଦକ , କୁଇ ସମାଜ ଯୁବ ପରିଷଦ

---

## କୁଇ ସମାଜ ଯୁବ ପ୍ରତିଭା ସମ୍ମାନ ୨୦୨୧



ତା- ୧୧/୦୭/୨୦୨୧ , କୁଇ ସମାଜ ଯୁବ ପରିଷଦ କନ୍ଧମାଳ ଦ୍ୱାରା ୨୦୨୧ ବର୍ଷର କୁଇ ସମାଜ ଯୁବ ପ୍ରତିଭା ସମ୍ମାନ ,ଟକେରିଗୁଡା,( ସଲଗୁଡା ପଞ୍ଚାୟତ,ଗୋଛାପଡା) ଗ୍ରାମର କୁଇ ଝିଅ ସୁଶ୍ରୀ ଶକୁନ୍ତଳା କହଁରଙ୍କୁ ପ୍ରଦାନ କରାଯାଇଛି । ସେ KISS ବିଶ୍ବବିଦ୍ୟାଳୟରେ ପ୍ରାଣୀ ବିଜ୍ଞାନରେ ସର୍ବାଧିକ ନମ୍ବର ରଖି ସ୍ୱର୍ଣ ପଦକ ଲାଭ କରି କନ୍ଧମାଳ ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି । କୋଭିଡ଼ କଟକଣା ଭିତରେ ତାଙ୍କ ଗ୍ରାମ ଟକେରିଗୁଡାରେ ଏକ ସ୍ୱତନ୍ତର କାର୍ଯ୍ୟକ୍ରମରେ ତାଙ୍କୁ କୁଇ ସମାଜ ଯୁବ ପରିଷଦ ତରଫରୁ ସମ୍ମାନିତ କରଯାଇଥିଲା ।

# ସଭାପତିଙ୍କ ବାର୍ତ୍ତା



## ଦେବାଶିଷ କହଁର

( B.Tech, NIT Rourkela )

କୁଇ ସମାଜର ଇତିହାସ ଅବଲୋକୋନ କଲେ ଜଣାପଡେ ଦିନେ କୁଇ ସମାଜ ସଂଗଠନର କାର୍ଯ୍ୟକଳାପ ବହୁତ ଉଚ୍ଚକୋଟୀର ଥିଲା । ସେ ସାମାଜିକ ସଂସ୍କାର କ୍ଷେତ୍ରରେ ହେଉ କି ,କୁଇ ଜାତି ଏକତା କଥା ବା ଭାଷା ସାହିତ୍ୟ ସମୃଦ୍ଧି କଥା ହେଉ , ଆଜିର ସମାଜ ଠାରୁ ବହୁ ଉର୍ଦ୍ଧ୍ୱରେ ଥିଲା ।ସେ ସମୟରେ ପ୍ରଯୁକ୍ତି(Technology) ର ଅଭାବ ସତ୍ତ୍ୱେ ପତ୍ର ପତ୍ରିକା ,ସ୍ମରଣିକା ଆଦି ପ୍ରକାଶ ହେଉଥିଲା । **'କୁଇ ଦିନା'** ମାସିକ ପତ୍ରିକା କୁଇ ସମାଜ ସେବା ସମିତି ଫୁଲବାଣୀ ତରଫରୁ ପ୍ରକାଶ ପାଉଥିଲା । ଏହିପରି କାନନ କୁସୁମ ନାମରେ ଏକ କୁଇ ସଂସ୍କୃତି ଆଧାରିତ ବହି ଡମସିଙ୍ଗ ଶାଖା ତରଫରୁ ପ୍ରକାଶ ହେଉଥିଲା । ତା' ଛଡ଼ା କୁଇ ସମାଜ ଫୁଲବାଣୀ ତରଫରୁ ୨୦୦୬ ମସିହାରେ କୁଇ ସମାଜ ସେବା ସମିତିର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଏକ ସ୍ମରଣିକ ପ୍ରକାଶ କରାଯାଇଥିଲା ।କୁଇ ସମାଜ ସଂଗଠନକୁ ଭଲରେ ଜାଣିବାକୁ ହେଲେ ସମସ୍ତେ ସେହି ବହି ପଢିବା ଆବଶ୍ୟକ । କିନ୍ତୁ ;ଏତେ ବଡ଼ ସଂଗଠନ ହୋଇ ମଧ୍ୟ କୁଇ ସମାଜ ଫୁଲବାଣୀ ୨୦୧୬ ମସିହାରେ ତାର ହୀରକ ଜୟନ୍ତୀ ପାଳନ କଲାନାହିଁ କି କୌଣସି ସ୍ମରଣିକା ପ୍ରକାଶିତ ହେଲା ନାହିଁ ।ଯାହା ଏକ ଦୁଃଖର ବିଷୟ । ପୂର୍ବତନ ସଭାପତି ଶ୍ରୀ ତୀର୍ଥ ଯାନୀ ଏହି ବିଷୟରେ ଧ୍ୟାନ ଦେଇଥିଲେ ମଧ୍ୟ ସଫଳ ହୋଇପାରି ନଥିଲେ । ଉର୍ଦ୍ଧ୍ୱ

ମୁଁ ପୂର୍ବତନ ସମ୍ପାଦକ ଶ୍ରୀ କୁମୁଦ ଚନ୍ଦ୍ର ମଲ୍ଲିକଙ୍କୁ ବିଶେଷ ଧନ୍ୟବାଦ ଦେଉଛି ଯିଏ ନିଜର ବହୁମୂଲ୍ୟ ସମୟ ଓ ଶ୍ରମ ଦେଇ କୁଇ ଦିନାକୁ ସୃଜନ କରିଥିଲେ କିନ୍ତୁ ଆମେ ତାହାକୁ ଆଗକୁ ନେଇ ପାରିଲୁ ନାହିଁ । ଆଜିର ସମୟରେ ଥାଇ ଅନୁମାନ କଲେ ବଧ ହେଉଛି ସେ କେତେ କଷ୍ଟ ଓ ପରିଶ୍ରମ କରି ସେକାଳରେ କାର୍ଯ୍ୟ କରୁଥିବେ । ତାଙ୍କରି ପରିଶ୍ରମ ଓ ସାଧନ ହିଁ ମୋତେ ଏହି ପତ୍ରିକାକୁ ପୁନଃ ପ୍ରକାଶ ପାଇଁ ପ୍ରେରଣା ଯୋଗାଇଛି । ଆଜି ଆମ ପାଖରେ ସବୁ ପ୍ରକାର ସାଧନ ନିକଟରେ ଉପଲବ୍ଧ । ମୋବାଇଲ ,କମ୍ପ୍ୟୁଟର,ପ୍ରିଣ୍ଟର ପାଖରେ ଥାଇ ମଧ୍ୟ ଯଦି ଆମେ ଏତିକି କାମ କରି ନପାରିବା , ତେବେ ଧିକ ଆମ ଜୀବନକୁ ! ତେଣୁ ମୁଁ ମୋର ଯୁବ ପରିଷଦ କର୍ମକର୍ତ୍ତା ଓ ବନ୍ଧୁ ମାନଙ୍କୁ ନେଇ ଏହି କାର୍ଯ୍ୟକୁ ସଫଳତାର ସହ କରିବି ବୋଲି ଦୃଢ ସଂକଳ୍ପ ।

ମୁଁ ମାଁ ଟା'ଣା ପେନୁ ,ବୁରା ପେନୁ ,ସରୁ ପେନୁ ଙ୍କ ନିକଟରେ ପ୍ରାର୍ଥନା କରୁଅଛି ଯେ ଆମକୁ ଏହି କାର୍ଯ୍ୟରେ ସଫଳତା ମିଳୁ । ମୁଁ ମୋର ପାଠକ ମାନଙ୍କୁ ଅନୁରୋଧ କରୁଅଛି ଯେ ଏହି ପତ୍ରିକାକୁ ସମସ୍ତେ ଆଗ୍ରହର ସହ ପଢନ୍ତୁ ଏବଂ ଅନ୍ୟ ମାନଙ୍କୁ ଏହା ବିଷୟରେ ଜଣାନ୍ତୁ ,ସାଙ୍ଗ ସାଥି ,ପରିବାର ବର୍ଗଙ୍କୁ ଏହି ପତ୍ରିକା ଭେଟ ( gift ) କରନ୍ତୁ ,ନିଶ୍ଚିତ କୁଇ ଦିନା ପୁନର୍ଜୀବିତ ହୋଇ ପାରିବ ।

ଧନ୍ୟବାଦ

ଦେବାଶିଷ କହଁର

ସଭାପତି,କୁଇ ସମାଜ ଯୁବ ପରିଷଦ କନ୍ଧମାଳ

---

## ଦ୍ୱିଭାଷୀ କବି ସମ୍ମିଳନୀ



ତା- ୧୯/୧୨/୨୦୨୧ .... କୁଇ ଭାଷା ସାହିତ୍ୟ ସମିତି , କୁଇ ସମାଜ ଯୁବ ପରିଷଦ କନ୍ଧମାଳ ଓ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ମିଳିତ ଆନୁକୁଲ୍ୟ ରେ କୁଇ ଓ ଓଡିଆ ଭାଷାର ଦ୍ୱିଭାଷୀ କବି ସମ୍ମିଳନୀ ଜିଲ୍ଲା ସାମ୍ବାଦିକ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି ।

ଏଠାରେ କୁଇ ସମାଜ ଫୁଲବାଣୀର ପୂର୍ବତନ ସଭାପତି ଅଧ୍ୟାପକ ତୀର୍ଥ ଯାନୀ , ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ସଭାପତି ପ୍ରଶାନ୍ତ କୁ. ବେହେରା ,ସମ୍ପାଦକ ଡାଃ କାହ୍ନୁ ଚରଣ ଶତପଥି , ଡାଃ ନୀରଦ ଚନ୍ଦ୍ର କହଁର ପ୍ରମୁଖ ମଞ୍ଚାସୀନ ହୋଇଥିଲେ । ଏଠାରେ ଉଭୟ କୁଇ ଓ ଓଡିଆ ଭାଷାର କବିମାନେ ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ କୁଇ ଭାଷାର ସୁରକ୍ଷା ଓ ଯୁବକ ମାନଙ୍କ ଭୂମିକକୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । କବିତା ଆସରକୁ କୁଇ କବି ପ୍ରଦୀପ କହଁର ଓ ନରୋତ୍ତମ ପ୍ରଧାନ ପରିଚାଳନା ଲରିଥିଲେ । ସମସ୍ତ କବି ମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧନା କରଯାଇଥିଲା ।

## କୁଇ ଭାଷା ସାହିତ୍ୟ ସମିତିର ବୈଠକ

୦୬/୦୩/୨୦୨୨, ଫିରିଙ୍ଗିଆ ,.....କୁଇ ଭାଷା ସାହିତ୍ୟ ସମିତିର ଆହ୍ୱାନ କ୍ରମେ କନ୍ଧମାଳ ଜିଲ୍ଲାର ସମସ୍ତ କୁଇ ସମାଜ ସଂଗଠନ ମାନଙ୍କୁ ନେଇ କୁଇ ଲିପି ପ୍ରସ୍ତୁତ କରିବା ପାଇଁ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏଠାରେ କୁଇ ଲିପିକୁ ମାନ୍ୟତା ଦେବା ପାଇଁ ଆଗାମୀଦିନରେ ଏକ ସେମିନାର ଆୟୋଜନ କରିବା ପାଇଁ ସ୍ଥିର କରାଯାଇଅଛି । ଯେଉଁଠାରେ କୁଇ ବ୍ୟତୀତ ଅନ୍ୟ ଭାଷାର ଭାଷାବିତ ମଧ୍ୟ ଉପସ୍ଥିତ ରହିବେ ଓ ଆମ କୁଇ ଭାଷାବିତ ମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଲିପି ଗୁଡିକର ତର୍ଜମା କରିବା ପରେ ଭାଷା ଉପଯୋଗୀ ,ଯୁଗ ଉପଯୋଗୀ ଏକ ଲିପିକୁ କୁଇ ଭାଷାର ମାନକ ଲିପି ହିସାବରେ ମାନ୍ୟତା ଦିଆଯିବ । ଉକ୍ତ ସେମିନାର ତଥା ଲିପିକୁ କମ୍ପ୍ୟୁଟରାଇଜ୍ କରାଇବା ପାଇଁ ବହୁଳ ଖର୍ଚ୍ଚ ହେବାକୁ ଥିବାରୁ କୁଇ ଭାଷା ସାହିତ୍ୟ ସମିତି ତରଫରୁ ସମସ୍ତଙ୍କ ଠାରୁ ସାହାର୍ଯ୍ୟ ଆଶା କରଯାଇଥିଲା ।

## ଦଣିକିଆ ଉପଶାଖା ର ବାର୍ଷିକ ସଭା



୧୩/୦୩/୨୨ ,ଡିମିରିଗୁଡ଼ା ,ଫିରିଙ୍ଗିଆ

କୁଇ ସମାଜ ସେବା ସମିତି ଦଣିକିଆ ଉପଶାଖା ର ବାର୍ଷିକ ସଭା ଡିମିରିଗୁଡା ଠାରେ ଉପଶାଖା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ରୂପେ ଫୁଲବାଣୀ ବିଧାୟକ ଶ୍ରୀ ଅଙ୍ଗଦ କହଁର ଯୋଗୋଦନ କରିଥିଲେ । କେନ୍ଦ୍ର କୁଇ ସମାଜ ସଭାପତି ,ସମ୍ପାଦକ ମଧ୍ୟ ଯୋଗଦାନ କରି ଲୋକୋଙ୍କୁ ଦଗ୍ଦର୍ଶନ ଦେଇଥିଲେ । ଏହା ୨୦୨୨ ବର୍ଷର ପ୍ରଥମ ଉପଶାଖା ସଭା ଥିଲା ଓ ଏଠାରେ ଅନେକ କୁଇ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରଯାଇଥିଲା ।

## କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କୁ ସାକ୍ଷାତ

୧୭/୦୪/୨୨ ,ଫୁଲବାଣୀ

କୁଇ ସମାଜ ସେବା ସମିତି ତରଫରୁ କନ୍ଧମାଳ ଜିଲ୍ଲା ଗସ୍ତ ରେ ଆସିଥିବା  କେନ୍ଦ୍ର ଶିକ୍ଷା ରାଷ୍ଟ୍ର ମନ୍ତ୍ରୀ ଡା. ସୁବାଷ ସରକାରଙ୍କୁ ସାକ୍ଷାତ କରଯାଇ ଥିଲା । ଏହି ଅବସରରେ ମନ୍ତ୍ରୀଙ୍କ ସହ କୁଇ ସମାଜ କନ୍ଧମାଳ ଜିଲ୍ଲାର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଆଲୋଚନା କରିଥିଲେ । ଶିକ୍ଷା ବ୍ୟବସ୍ଥାରେ ଜିଲ୍ଲା ସମ୍ମୁଖୀନ ହେଉଥିବା ଅସୁବିଧା ବିଷୟରେ କୁଇ ସମାଜ ପ୍ରତିନିଧି ମାନେ ମନ୍ତ୍ରୀଙ୍କ  ଦୃଷ୍ଟି ଆକର୍ଷଣ କରିଥିଲେ । ତା ସହିତ ଜିଲ୍ଲାର ଶିକ୍ଷାର ଉନ୍ନତି ପାଇଁ ମନ୍ତ୍ରୀଙ୍କୁ କୁଇ ସମାଜ ତରଫରୁ ଆଠ ଦଫା ସମ୍ବଳିତ ଏକ ଦାବୀ ପତ୍ର ପ୍ରଦାନ କରଯାଇଥିଲା ।

# କୁଇ ସମାଜ ସେବା ସମିତି ଫୁଲବାଣୀର ବାର୍ଷିକ ମହାସଭା





**୨୬-୨୭ /୦୩/୨୨ , ପଦର ସାହି ( କଳାବାଘ ଜାମୁଝରି )**

କୁଇ ସମାଜ ସେବା ସମିତି ଫୁଲବାଣୀର ବାର୍ଷିକ ସାଧାରଣ ଅଧିବେଶନ ଓ ମହାସଭା ୨୬/୨୭ ମାର୍ଚ୍ଚ ଦୁଇ ଦିନ ଧରି କଳାବାଘ ଜାମୁଝରି ଶାଖା ଅନ୍ତର୍ଗତ ପଦର ସାହି ଗ୍ରାମରେ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ମୁଖ୍ୟ ଅତିଥି ,ସମ୍ମାନୀତ ଅତିଥି ଭାବେ ଡା. ନୀରଦ ଚନ୍ଦ୍ର କହଁର, ମାଲକାନଗିରି ଜିଲ୍ଲା ଉପ ଆରକ୍ଷୀ ଅଧିକ୍ଷକ ଗୁଣନିଧି ମଲ୍ଲିକ , ପୂର୍ବତନ ପ୍ରଶାସକ ମିହିର ଚାନ୍ଦ ମଲ୍ଲିକ ଆଦି କୁଇ ସମାଜର ଅନେକ ପ୍ରମୁଖ ବ୍ୟକ୍ତି ବିଶେଷ ଅତିଥି ରୂପେ ଯୋଗଦାନ କରିଥିଲେ । କୁଇ ସମାଜର ବିକାଶ ପାଇଁ ଆଲୋଚନା କରାଯିବା ସହିତ ନୂତନ କର୍ମକର୍ତ୍ତା ନିର୍ବାଚନ କରଯାଇଥିଲା । ସୁଦର୍ଶନ କହଁର ସଭାପତି ଏବଂ ଅବନୀ କୁମାର କହଁର ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ ।

## କୁଇ ସମାଜ ଫୁଲବାଣୀ କର୍ମକର୍ତ୍ତାଙ୍କ ଶପଥ ପାଠ

୨୪/୦୪/୨୨, କୁଇ ସମାଜ ସେବା ସମିତି କାର୍ଯ୍ୟାଳୟ ,ଫୁଲବାଣୀ ,କୁଇ ସମାଜ ସେବା ସମିତି ଫୁଲବାଣୀର ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ କାର୍ଯ୍ୟାଳୟ ଗୃହ ଠାରେ ଅନୁଷ୍ଠିତ ହୋଇ ଯାଇଛି । ପୂର୍ବତନ ମୁଖ୍ୟ ସଭ୍ୟ ଶ୍ରୀ ଅନାଦି ମଲ୍ଲିକ ନୂତନ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇ ଥିଲେ । ତା ସହିତ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା । ତତ୍ ସହିତ ପ୍ରତି ମାସରେ ମାସିକ ବୈଠକ ମାସର ଶେଷ ରବିବାର ଦିନ ଓ ମାସର ଦ୍ୱିତୀୟ ରବିବାର ଦିନ ଅଭିଯୋଗ ବିଚାର କରାଯିବ ପାଇଁ ସ୍ଥିର କରାଗଲା।

## ପୁସ୍ତକ ମେଳାରେ କୁଇ ଭାଷା କାର୍ଯ୍ୟକ୍ରମ



୨୪/୦୪/୨୨,ଫୁଲବାଣୀ ,ଫୁଲବାଣୀ ପୁସ୍ତକ ମେଳାରେ କୁଇ ଭାଷା ଓ ସଂସ୍କୃତି କାର୍ଯ୍ୟକ୍ରମ ଏପ୍ରିଲ ୨୪ ତାରିଖରେ ଅନୁଷ୍ଠିତ ହୋଇ ଯାଇଛି । ଏଠାରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଡେପୁଟି ମେୟୋର ଶ୍ରୀମତୀ ମଞ୍ଜୁଲତା କହଁର, ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ଶ୍ରୀ ଅଟଳ ମୁଣ୍ଡାମାଝି ଯୋଗଦାନ କରିଥିଲେ ।ଏଠାରେ କୁଇ କବି ମାନଙ୍କ ଦ୍ୱାରା କୁଇ କବିତା ପାଠ ସହ କୁଇ ନୃତ୍ୟ ପରିବେଷଣ କରାଯାଇଥିଲା ।

## ଜଙ୍ଗଲରେ ନିଆଁ ଲିଭାଇଲେ କୁଇ ସମାଜ ଯୁବ ପରିଷଦ

୨୮/୦୪/୨୨ , ନଗଲେଜୁ ... ନଗଲେଜୁ ଗ୍ରାମ ଜଙ୍ଗଲରେ ନିଆଁ ଲାଗିଥିବା ଖବର ପାଇ ବନ ବିଭାଗକୁ ଖବର ଦେଇଥିଲେ କିନ୍ତୁ ନିଆଁ ଲିଭାଇବାକୁ ବନ ବିଭାଗ ଆସି ନଥିଲେ । ପରେ କୁଇ ସମାଜ ଯୁବ ପରିଷଦର ସଦସ୍ୟ ମାନେ ଯାଇ ନିଆଁ ଲିଭାଇ ଥିଲେ । ଯୁବ ପରିଷଦ ସମ୍ପାଦକ ଶ୍ରୀ ଅଚ୍ୟୁତ ଯାନୀଙ୍କ ନେତୃତ୍ୱରେ ଭାବିନ୍ଦ୍ର କହଁର , ବୈଲୋଚନ ମଲିକ ,ବସନ୍ତ କହଁର ,ଜଗନ୍ନାଥ ଜାନୀ ,ପୀତାମ୍ବର ଯାନୀ ,ସୌମ୍ୟ ରଞ୍ଜନ ମଲିକ ସମେତ ଗ୍ରାମର ବହୁ ମହିଳା ଏହି କାମରେ ସାମିଲ ହୋଇଥିଲେ ।

## ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଦେଲେ ମାଟ୍ରିକ୍ ପରୀକ୍ଷା

୨୯/୦୪/୨୨ ,ଫୁଲବାଣୀ ,ବିଧାୟକ ଅଙ୍ଗଦ କହଁର ତାଙ୍କ ମାଟ୍ରିକ୍ ପାସ ହେବା ଇଚ୍ଛାକୁ ସଫଳ କରିବା ପାଇଁ ଏବର୍ଷ ମାଟ୍ରିକ୍ ପରୀକ୍ଷା ଦେଇଛନ୍ତି । ସେ ମାଟ୍ରିକ୍ ପର୍ଯ୍ୟନ୍ତ ପାଠ ପଢିଥିଲେ ମଧ୍ୟ ଘରର ଅସୁବିଧା ହେତୁ ପରୀକ୍ଷା ଦେଇ ପାରିନଥିଲେ । ଆଜକୁ ୪୦/୫୦ ବର୍ଷ ପୂର୍ବେ ସୁଦୂର ପକାରୀରୁ ଆସି ବିଧାୟକ ମହୋଦୟ ଫୁଲବାଣୀରେ ରହି ହାଇସ୍କୁଲ ପାଠ ପଢିଥିଲେ ,ଯାହା ଏକ ବଡ ଉପଲବ୍ଧି କହିଲେ ଅତ୍ୟୁକ୍ତି ହେବନି । ସେ ସମୟରେ ଅର୍ଥ ,ଗମନାଗମନ ର ଅସୁବିଧା ଥିଲେ ମଧ୍ୟ ବିଧାୟକ ହାଇସ୍କୁଲ ପର୍ଯ୍ୟନ୍ତ ପାଠ ପଢି ପଡ଼ିଥିଲେ । ସବୁ ଅସୁବିଧା ତା'ଙ୍କ ମନୋବଳ ଆଗରେ ହାର ମାନିଥିଲା

## ଉତ୍କଳ ବିଶ୍ୱବିଦ୍ୟାଳୟରେ କନ୍ଧମାଳର ଝିଅ ରୁନିତାଙ୍କୁ ସ୍ୱର୍ଣ୍ଣପଦକ

୩୦/୦୪/୨୨,.... ଦାରିଙ୍ଗବାଡ଼ିର ନୀଳକନ୍ଦର ସାହିର ନିବାସୀ ବିସିକେଶନ ପ୍ରଧାନ ଓ ମାତା ସନ୍ତୋଷିନୀ ପ୍ରଧାନଙ୍କ ଝିଅ ରୁନିତା ପ୍ରଧାନ ଉତ୍କଳ ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗରେ ସ୍ୱର୍ଣପଦକ ଲାଭ କରି କନ୍ଧମାଳ ଜିଲ୍ଲାକୁ ଗୌରବ ଆଣିଛନ୍ତି । ସେ ୨୦୨୧ ମସିହାରେ ରାଜନୀତି ବିଜ୍ଞାନର ସ୍ନାତକୋତ୍ତର ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ବିଭାଗରେ ଟପର ହୋଇ ସ୍ୱର୍ଣ୍ଣପଦକ ଲାଭ କରିଛନ୍ତି ।

## ଦାରିଙ୍ଗବାଡି କୁଇକୁଳ(କୁଇ ସମାଜ )ର କର୍ମକର୍ତ୍ତା ଚୟନ

୨୨/୦୫/୨୨, ଦାରିଙ୍ଗବାଡି କୁଇକୁଳ ସମିତିର ନୂତନ କର୍ମକର୍ତ୍ତାଙ୍କ ଚୟନ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ଅଜୟ ପଡ୍ରା ଅଧକ୍ଷତା କରିଥିଲେ । ନୂତନ ସଭାପତି ଭାବରେ ପୂର୍ବତନ ଓ.ଏ.ଏସ. ଅଫିସର କରୁଣାକର ପ୍ରଧାନ, ଉପସଭାପତି ପୁରେ ପ୍ରଧାନ ,ସମ୍ପାଦକ ଶୁକଦେବ ପ୍ରଧାନ ,ସହସମ୍ପାଦକ ସୁରେଶ ପ୍ରଧାନ ,କୋଷାଧ୍ୟକ୍ଷ ରାମାକାନ୍ତ ପ୍ରଧାନ ,ଉପଦେଷ୍ଟା ଘନେଶ୍ୱର ପ୍ରଧାନ, ଆଇନ୍ ପରାମର୍ଶଦାତା ଆଡଭୋକେଟ୍ ଇନ୍ଦ୍ରମଣି ପ୍ରଧାନଙ୍କୁ ମନୋନୀତ କରାଯାଇଛି । ବାଲିଗୁଡ଼ା କେନ୍ଦ୍ର ସଭାପତି ମନୋଜ ମଲିକ ନିର୍ବାଚନ ପରିଚାଳନା କରିଥିଲେ ।

**ଫିରିଙ୍ଗିଆ କୁଇ ସମାଜ ଶାଖାର ନୂତନ ଗୃହ ଉଦ୍‌ଘାଟିତ**

**୨୬/୦୫/୨୨,** କୁଇ ସମାଜ ସେବା ସମିତି ଫିରିଙ୍ଗିଆ ଶାଖାର ନୂତନ ଗୃହ ଫିରିଙ୍ଗିଆ କଲେଜ ନିକଟରେ ଉଦ୍ଘାଟନ ହୋଇ ଯାଇଛି । ୨୫/୨୬ ଦୁଇ ଦିନ ଧରି ଶାଖାର ବାର୍ଷିକ ସଭା ସଭାପତି ମୁକୁନ୍ଦ କହଁରଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା । ଏହି ଅବସରରେ ଶାଖାର ନୂତନ ଗୃହ ମଧ୍ୟ ଉଦ୍ଘାଟିତ ହୋଇ ଯାଇଛି । ବହୁ ବର୍ଷରୁ ଏହି ସ୍ଥାନକୁ କୁଇ ସମାଜ ତରଫରୁ ବ୍ୟବହାର କରାଯାଇ ଆସୁଥିଲା । ଏଠାରେ କୁଇ ସମାଜ ମିଟିଂ ,ବିଭିନ୍ନ କାର୍ଯ୍ୟକ୍ରମ ,ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇ ଆସୁଛି । କିନ୍ତୁ କିଛିଦିନ ହେଲା ଏହି ସ୍ଥାନକୁ ତହସିଲଦାର ଚଞ୍ଚକତା କରି ଲାଞ୍ଚ ନେଇ କିଛି ଅଣଆଦିବାସୀଙ୍କୁ ଲିଜ୍ ପଟ୍ଟା ଦେଇଥିଲେ । ଯାହାକୁ ଆଧାର କରି ସେହି ଅଣଆଦିବାସୀମାନେ ସେଠାରେ ଘର ନିର୍ମାଣ ଆରମ୍ଭ କରିଥିଲେ । ଯାହାକୁ କୁଇ ସମାଜ ବିରୋଧ କରିଥିଲା ଏବଂ ସେହି ଜାଗାରେ ତାର ବାଡ଼ ଦିଆଯାଇଥିଲା ଓ ତା'ପରେ ସେଠାରେ ଏକ କୁଇ ସମାଜର ଘର ନିର୍ମାଣ କରାଯାଇଛି ।

**ବିଶ୍ୱ ପରିବେଶ ଦିବସ ପାଳନ କଲା କୁଇ ସମାଜ ଯୁବ ପରିଷଦ**

**୦୫/୦୬/୨୨ ...** କୁଇ ସମାଜ ଯୁବ ପରିଷଦ ତରଫରୁ ଖଜୁରୀପଡା ବ୍ଲକର ବାଲିସୁଗ୍ରୀ ଗ୍ରାମରେ ବିଶ୍ୱ ପରିବେଶ ଦିବସ କାର୍ଯ୍ୟକ୍ରମ ପାଳିତ ହୋଇ ଯାଇଛି । ସମ୍ପାଦକ ଶ୍ରୀ ଅଚ୍ୟୁତ ଜାନୀଙ୍କ ନେତୃତ୍ୱ ରେ ଗ୍ରାମବାସୀ ଓ ଯୁବ ପରିଷଦର ସଦସ୍ୟ ମାନେ ବୃକ୍ଷ ରୋପଣ କରିଥିଲେ ଏବଂ ପରିବେଶ ଓ ଜଙ୍ଗଲ ସୁରକ୍ଷା ପାଇଁ ପ୍ରତିଜ୍ଞା କରିଥିଲେ ।

**ନୂତନ ଜିଲ୍ଲାପାଳଙ୍କୁ ଭେଟି ଦାବୀ ଜଣାଇଲା କୁଇ ସମାଜ**

୨୮/୦୬/୨୨ , **କନ୍ଧମାଳ** ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ **ଆଶିଷ ଇଶ୍ୱର ପାଟିଲ** ଯୋଗଦାନ କରିବା ପରେ କୁଇ ସମାଜ ତରଫରୁ ତାଙ୍କୁ ସାକ୍ଷାତ କରି ଆଦିବାସୀ ମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରଯାଇଥିଲା । ଦେଶରେ ଅନେକ ଅଣଆଦିବାସୀ ଆଦିବାସୀ ଜାତି ପ୍ରମାଣପାତ୍ର ନେଇ ଚାକିରୀ କରୁଛନ୍ତି ,କନ୍ଧମାଳରେ ମଧ୍ୟ ଏପରି ଅନେକ ଜାଲ୍ ଜାତିଗତ କେସ୍ ଅଦାଲତରେ ପଡି ରହିଛି । ଏପରି ମାମଲକୁ ଯଥାଶୀଘ୍ର ଫଇସଲା କରିବାକୁ ଜିଲ୍ଲାପାଳଙ୍କୁ ଦାବି କରା ଯାଇଥିଲା । ତା' ଛଡ଼ା ଏପରି ମାମଲାକୁ ହ୍ରାସ କରିବା ପାଇଁ କୁଇ ସମାଜର ସୁପାରିଶ କ୍ରମେ ଆଦିବାସୀ ଜାତି ପ୍ରମାଣପତ୍ର ପ୍ରଦାନ ପାଇଁ କୁଇ ସମାଜ ଦାବି ଜଣାଇ ଥିଲା ।

=====◆======

## ଗା'ଡ଼ନୀକ-ପ୍ରଦୀପ କହଁର

( ରାମାଡି,କୁଇଦିନା )

ଜହାରି ଆଜାଣ୍ଡି ଡିମ୍ବୁଲି ସରୁଣ୍ଡି
ଜହାରି ୟା' ସରୁପେନୁ,
ଜହାରି ଜହାରି ନି 'କାଡୁ ମାରାତା
କୁର୍କୀ ମାଞ୍ଜାଇ ୟା' ଆନୁ ।
ବେଞ୍ଜାରାମୁ ଇଆ କୁଇଦିନା ତାରି,
କୁଇଙ୍ଗାନାରା ଗଏରୀ,
ନିଇ ମିଡାକାମୁ ଇ'କୁଇଗାଣ୍ଡାମୁ
ତ'ସ୍ତାମୁ ନେଗି ପାହେରି ।
ସ୍ଡ଼'ପାଗାଡାଡ଼ାଇ ସ୍ଡ଼'ପାନାଙ୍ଗା ଆମ୍ବୁ
ନିଇ କ୍ରା'ତକି ବାତାମୁ,
ଏତାଲାତି ମାଙ୍ଗେ ଜେ'ଡା ନଆନାଙ୍ଗେ
ନିଇ ଡେହେଃଙ୍ଗି ୟା' ପାଡ଼ାମୁ ।
ନେଗି ବୁଦି ଗ୍ରା'ପ୍ତି ପାହେରି ତ'ସ୍ତାତି
ବାରଗାଣ୍ଡି କୁଇଙ୍ଗାନି,
ଜାନା ବିସା ସ୍ୟାତି ପୂର୍ତ୍ତି ପହିଃଗିତି
ମାଞ୍ଜି କୁଇଦିନା ତାନି ।
ନିଇ ଟୁଟୁଲାଇ ମାଇବାଗା ସେଲୁ
ହୀରା,ନୀଲା,ମୋତି,ମାଣିକ,
ସୁନା,ରୁପା,ଦନ, ତେପ୍ପା ଆହାଃଞ୍ଜି ଗୋ
ବେଞ୍ଜାରାମୁ ମା'ନ୍ଦେ ଦୁକ ।

ତିନବା ଗହଃପା ମାଙ୍ଗେ ସିଆମାଞ୍ଜି ଆୟା
ପଲପର୍‌ଡ଼ି ସିରୁ ବାରୁ,
ପହିଃ ଗିଆନାଇ ବାଡି,ଉଡି ଗିତି
ଜହାରି ଡିମ୍ବୁଲି ସରୁ ।

====●====

# କାଙ୍ଗା ଜ'ପା

===========

**ଗା'ଡ଼ନୀକ** -ବେଦବର ପ୍ରଧାନ( OAS )

( ଉପ ଜିଲ୍ଲାପାଳ ,ଜୟପୁର )

ବେଙ୍ଗାଦୁବା କୁଇ କଙ୍ଗା କଗାରା
ପୁ'ନି ବୁଡିନି କାଙ୍ଗା ଜପିସାରା
ଆପ-ବୁଡି ଜପା ସାଜିସ କାଙ୍ଗା
ଡଃନା ଦିନା ଆହାନା ପ୍ରା'ଙ୍ଗା
ଆପ ଟଟକଡ଼ି ବେ'ସାନା ଏସାଇସେଞ୍ଜୁ ଗାଡ଼ି
ବୁଡି ଏକୁ ତିଙ୍ଗେ ଗିପିମାସେ କୁସା କାଡ଼ି
ମାକାଡ଼ାଙ୍ଗା ବାତେକାନି ପେହାଇମାସ ବିପ୍କାନାଙ୍ଗା
ମାକାଡ଼ା ବେଞ୍ଜକି କୁଆନା ବିତେ ବେଃଅକି ପୁନି ବୁଡି
ବେଃଅ ମାସି ଆପଇ ବାଡି ଗଟେ ଗଡାତାନି
ରାକାବାତେ ଇଞ୍ଜାନା ପୁନିବୁଡି ମୁକ୍ତେ ତାନ୍ଦାରା
ସିଣ୍ଡାଆ କାନି
ପୁ'ନି ବୁଡିନାରା କାବାଡିଁ ମେହାନା ଆପ କାକ୍ରେଞ୍ଜୁ
ପୁନି ବୁଡି ଆପତାରା କାପ୍କା ବେଙ୍ଗାନା କାସିତେ
ତାନ୍ଦାରା ସୁଟାବାଞ୍ଜୁ
ପୁ'ନିବୁଡିନାରା ମେହାନା ରାଗ
ଆପ ତଃତେଞ୍ଜୁ ତ୍ରାନ୍ଦାରା ପାଗ
ମୁସୁମୁସୁ ଇଞ୍ଜାନା ବେଲା ସାଲ୍ବାନେ ଇଜକି ବାତ
ଇଡୁ ଉଜାଡିସେଲୁ ଡୁବିତାନି ବିରାନିଜୁ କିତ
ଡାଃଇସି ବେଗାନେ ଅଟେ ଜପା ସାସ କାଙ୍ଗା
ଆଗ କାତା ଏଲୁ ଗିଆନା ବୁଡି ବୁଜ୍ଜିତେ ଏକୁ ପ୍ରାଙ୍ଗା
ପ୍ରାଙ୍ଗା-କୁସା ତାପ୍କାତିଙ୍ଗି ଆପ ବାତେଞ୍ଜୁ ଇଜକି
ବୁଡି ସରୁତାନି ରାହିଃ  ଆତେ ରଣ୍ଡେନେ ମେହାନା
ନାଟକି

ପୁ'ନିବୁଡି ସୁଞ୍ଜିତେ କୁଡ଼ିତା ମୁତମୁତୁନା
ଦିରେ ଦିରେ ମାକାଡ଼ାଙ୍ଗା ବାତ ବୁତୁବୁତୁନା
ମାକାଡ଼ାଙ୍ଗା ତିସ ଗୁଲେ କାଙ୍ଗାମାଲାଙ୍ଗା
ଆପ ଏତାତେଞ୍ଜୁ ଆହାନା କୁସା-ପ୍ରାଙ୍ଗା
ଆପତାରା ବେଙ୍ଗାନା ଗିରା ପୁନିବୁଡି
ଇସେ ତ୍ରିକି
ପୁନିବୁଡିନି ମେହାନା ଆପ କାକ୍ରେଞ୍ଜୁ
କିକିକିକି
ଇସେଞ୍ଜୁ ବୁଡିଲା ମାକାଡାଙ୍ଗା ତିଞ୍ଜାନା
ସାସ
ନେଞ୍ଜୁଡେଏ ମା'ନ୍ଦେ କାଙ୍ଗା ଜପା ଆତେ
ସେସ
ଇରି ବା ନାନ୍ଦେ କୁଇ କଙ୍ଗା କଗାରି
ପୁ'ନିବୁଡିନି କାଙ୍ଗା ଜ'ପା ସାଜିସାରି ।।

====●====

# ଉଜେ କାତା

******************

**ଗା'ଡ଼ନୀକ** -ଲଙ୍କେଶ୍ୱର କହଁର

( ଜିଡ଼ିଙ୍ଗି ସାହି,ଟିକାବାଲି ,କନ୍ଧମାଳ )

ଉଜେ କାତା ଆ'ବା
ପୁସା କାତା ଆ'ଏ
ପାହେରି଼ଆ ର ଆ'ପିନି
ନାଇ ନକିଡ଼ି ପୂଣ୍ଡିତେ଼ଏ ।୦।

ଏ' ଆ'ପି କାତା ଆ'ଇସେ
ନିବାଡ଼ି ସା'ସି କାତା
ୱେନ୍ମ୍ବାତାଙ୍ଗି ଏ'ଲୁବାତେ
ଈନୁ ଏମ୍ବେରି଼ ଡ଼ା'ଞ୍ଜାକାତା ? ।୧।

ଡ଼ା'ଏ ୱେସ୍ତାତେ ଏ ମୀଡା
ସା'ସି ଲ'କୁରି଼ ଏ ଆ'ବା
ଆନାଡ଼ିକି ବେସ୍ତାକେ ଏ ବ'ଦା
ମା'ହ୍ନିସିଡେନୁ କୁଇକାତା ଆ'ବା ।୨।

ପା'ଟ ପ'ଡ଼ିଆ'ତି ରି ଗା'ରିଙ୍ଗା ପୁସି
ଇଆନ୍ ସୁଡାତାରା ୱା'ସି ମା'ଣ୍ଡାତି
କୁଇ କାତାତ୍ ଆନାରିମାନେ ଇଞ୍ଜାନା
ଆ'ଙ୍ଗା କାତା ଲ'କୁରି଼ ଜା'ମା ଗିତି ।୩।

ସାସେ ନୀନ୍ଦେଲା କାତା
ସାସେ ନୀନ୍ଦେଲା ଜା'ତି
ମା'ରାନି ଆଜାନି ବୁଡ୍ଝାନା
ଆ'ବାତାରା ୱ୍ଲା'ଉତ୍ ନେ'ଡେକି ଟିଡି ।୪।

ମ୍ଡେ଼ହେ ମୀତାତ୍ ପୂଣ୍ଡିତେ଼ ଆ'ଟାତ୍
ୱା'ସି ଆ'ଇସେଞ୍ଜୁ ବେ'ଗାବେ'ଗା କାତା
ଆନଡ଼ିକି ୱା'ସି ଆ'ଇଞ୍ଜି ଈବା କାତାଙ୍ଗା ?
ବେସ୍ତାତେଞ୍ଜୁ ଈବା କାତା ଆ'ଆତାକେ ସା'ତା ।୫

ଇଆନ୍ କାତା ଡେହେଙ୍ଗିତାରି
କାତା ଦିନାତ୍ ସିଡେଏ
କୁଇ କାତା ଆ'ଆତାକେ
ମା'ନ୍ଦେ କୂଲା ସା'ଜା ପର୍ଭେ ଲହେଏ ।୬।

ଏସ୍ତାନି ୱେ଼ଏ ମାସେକା
କୁଇ କାତା ନୂଡେ଼ କାତା ଆ'ନା
ଏସ୍ତାନି ୱେ଼ଏ ମାସେକା
ଜେ କୁଇ କାତା ଜେ କନ୍ଧ ଲ'କୁ ଇନା ।୭।

====●====

******************

## ଗା'ଡ଼ନୀକ -ମଙ୍ଗରାଜ ପ୍ରଧାନ,କାଣିବିଡ଼ିକା,ସାରଙ୍ଗଡ଼

କୁଇଦିନା ପେନି ଇରି କୁଇ ଦିନା ପେନି (2)
ତୁହାନା ଶାସେ ପିଜୁଆ ସାଡ଼ି
ବାଇମାନେ ପେ ନିଲୁ ଙ୍ଗୁରି
କୁତୁକୁଏଡ଼ି ପ୍ଲାକିଞ୍ଜାନେ
ପେନିନିବା ଦିପକିଞ୍ଜାନେ
ସରକା ଗସାଉଯେ ମାଇଦିନା
ନିବାଡ଼ି ପେନିଆନେ ସିନା
ଉଡ଼ିସା ତାରି କାଶୀମିରି ଇରି
ଜିଲିଇନାରି ଦାରିଙ୍ଗିବାଡ଼ି
ତିରିଗିତାକେ ପରଦୁପାଶୁଡ଼ି
ମୁହୁକା ଗାଟାସି ପଙ୍ଗାରାନେ

କାରାଡାଇସେ କାଗାଆନେ
କୁଡିଙ୍ଗା କଏରି ପୁସଡାଞ୍ଜୁ
ଯମ୍ବାତା କଦେରୁ ନାଡ଼ିସଡୁ
ଦୁଆ ତିଞ୍ଜି ନାଡ଼ି କାଗିଦେରୁ
ମଞ୍ଜି ମଞ୍ଜି ଦେପ ସୁପିଦେରୁ
ପେନିଆଯାତ ଆଜା ସାକା
ଇଯନ ପାଇଟି ରୁଡା ସେପା
କାକା କାଟିକା ବେଡା ଆନ
ସିରୁଡୀଗା ଆଯାଇ ମାନ
ପେନିକଗାଇଞ୍ଜି ରୁସୁମିଆନ
ନାଡୀସେ ବେସ୍କା ତାକାନ

( ବିହିତେ )

====●====



କନ୍ଧମାଳ ଜିଲ୍ଲାରୁ ପ୍ରଥମ ତଥା କୁଇ/କନ୍ଧ ସମାଜରୁ ପ୍ରଥମ ବ୍ୟକ୍ତି ଭାବରେ ଶ୍ରୀମତୀ ପୂର୍ଣ୍ଣମାସୀ ଜାନୀ ଙ୍କୁ ୨୦୨୧ ବର୍ଷର **ପଦ୍ମଶ୍ରୀ ପୁରସ୍କାର** ପ୍ରଦାନ କରାଯାଇଛି ।

୯ ନଭେମ୍ବର ୨୦୨୧ ଦିନ ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ସମାରୋହରେ ତାଙ୍କୁ ରାଷ୍ଟ୍ରପତି ଶ୍ରୀ ରମାନାଥ କୋବିନ୍ଦ ପଦ୍ମଶ୍ରୀ ସମ୍ମାନରେ ଅଲଙ୍କୃତ କରିଛନ୍ତି । ତା' ପୂର୍ବରୁ କୁଇ ସମାଜ ଯୁବ ପରିଷଦ ଏବଂ କୁଇ ଭାଷା ସାହିତ୍ୟ ସମିତି ତରଫରୁ ତାଙ୍କୁ **ଦ୍ୱିତୀୟ ଭୀମ ଭୋଇ** ସମ୍ମାନ ପ୍ରଦାନ କରାଯାଇଛି ।

# କୁଇ କାତା ଗ୍ରା'ମ୍ବିନା

=================

କବି - ଉତ୍କଳ ରଞ୍ଜନ ପ୍ରଧାନ

ମା'ପେତାରୀ କୁଇ କାତା ଗ୍ରା'ମ୍ବାମା'ନେ
ଏସେର୍ ବେଲା ବେଏ
ଆନୁ ନିଁଙ୍ଗେ ଜେ'ଡା ଗିପିଞ୍ଜାଇ
ଆନୁ ନିଁଙ୍ଗେ ଜେ'ଡା ଗିପିଞ୍ଜାଇ
ଆଇମାନେ
ଦିରେ ଦିରେ  ଗ୍ରା'ମ୍ବାମା'ନେ
ଦିରେ ଦିରେ ପୁଞ୍ଜିମାନେ
ରଣ୍ଡା ରଣ୍ଡା ରେହା କାତା
ଉରାଡ଼େ ଆଃପି ମାନେ ।
କୁଇ ଭାଷା ଗ୍ରୁପ୍ ତାନୀ ଆଡାନେ
ଆନୁ ପୁନାନ୍ ଡେହେଙ୍ଗୀ
ରନେସି ରଣ୍ଡା ରଣ୍ଡା ବେଞ୍ଜିଜାନେ
ଦିରେ ଦିରେ ଆପକାରୀ ବାହେ
ନାଇଁ ବୁଡି
କୁଇ କାତା ପୁଞ୍ଜି ମାନେ ।
ଗ୍ରା'ମ୍ବାନା ମାନ୍ଦା ଆଜାନି କାତା
ପୁନା ସିଡାନ୍ ଲ'କୁତାସୁ
ଗା'ମେ ସାଂଜା ନାରୀ ମାଇ କାତା
ମା'ନ୍ଦା ଭାଷା ଆଜୁ ପୁନାସୁ ।
ଆନାରୀ ମାନେ ଡେରି କାତା
ଦାର୍ଣ୍ଡି ପେନୁ କୁଇ କାତା
କୁଇ ସା'ଜା ପିହାନା
ସା'ଜା ନିମ୍ବାନା ରାହୀ ଆତେକା ଗଅ
ତା'କିଦି ଭ୍ଲା'ଉ ଦେ'ଶାନା ।।

====●====

# *ମାଈ କାତା ତାରି ପ୍ଲା'ନାରୀ*

ସଞ୍ଜୀବ କୁମାର କହଁର

ନାଡାଙ୍ଗି ବେଗି ନା'ଙ୍ଗେ ଗା'ମେ ଦୁରୁ ସାଲ୍‌ବା  ଦି'ନେ
ଆନ୍ଦାରୀ କିଣ୍ କିଣା ଆତେକାବେ
ଦିନା କିନ ପ୍ଲା'ନା ମାସେକା ବେ ସାଇ ଆନୁ ରଆନେ
କ୍ଲିରି କ୍ଲିରି ଆଇଶାକେ ବେ କ୍ଲାଡି , ଅଲିଙ୍ଗା
ଆସ୍ୱା ଗିଆତାକେ ୱେ ଡାଡ଼ି ଡ଼ାସନାରା
ନାଇ କାତା, ମାଈ କାତା ପୁନବା ସେଲୁ ନାଙ୍ଗୀ ଗା'ମେ ସେକକି ସାଲ୍ବା ଦି'ନେ
ନାଡାଙ୍ଗି ..... ସାଲ୍ବା ଦି'ନେ

୧ - ଏସ୍ତୀ ସୁପାଡ଼ି କାତା ବାରୁ ଡ଼ାଇ ବାତେ ମାଈ କାତା କୁଇ
ଏସ୍ତି ନିଆଡି ଗୀରା ଡ଼ାଇ ପ୍ଲି'ତେ ମାଈ କାତା କୁଇ
ପୁନବା ଗିବାସେଲୁ ସିଡେରୁ ତଡେ ମାଏ ରୁ
ପାହେରି ତସ୍ୱା ସେଲୁ ସିଡେରୁ ବୁଡା ଆକେରୁ
ଆତେକାୱେ ବେଞ୍ଜିମାଇ ଆନୁ ଗୀରା କ୍ଲାର୍ନା, ନାଇ କୁଇ କାତା ତାରି
ବାମୁ ନିକ୍ରାମୁ, ମୁହି ଆଇମାଇ ଆନୁ
ଗୀରା କ୍ଲାର୍ନା ବେଞ୍ଜିମାଇ ଆନୁ
ନାଡାଙ୍ଗି ..... ସାଲ୍ବା ଦି'ନେ

୨ - ଆଁ ... ଗୀରା ଆନୁ ବେଞ୍ଜିମାଇ କ୍ଲାର୍ନା
ମାଈ କୁଇ କାତା ଡ଼ିଇ ମାନାରାଆ
*ନାଇ ଆଗିଁ ବାଇସାକା ସା'ଞ୍ଜା ର'ଞ୍ଜା ଡ଼ାଏ ବାଡି ଆତୁ*
*ତାଡ଼ା ମିଡା ବଦା ଏବାସାନି ସା'ଞ୍ଜା ସା'ଞ୍ଜା ଡ଼େ ରୋସ୍ତୁ*
*ନାଇ ମିଡାକା ନାଇ ପାଦା ଆହାନା ନିସାନା ଦେଗିତେରୁ*
*ବୁଡା ଗାଟାନୁ ଆନୁ ଡା'ଟା ପାହ୍ଣି  ସିଡେନୁ*

*ନାଙ୍ଗୀ ନିପ୍ସାନା ଇଟାସେଲୁ ଏମ୍ବେରୀ ଆନୁ ମେହେପି ସିଡେନୁ*
ଆଁ ... ଇ' ପ୍ଲା'ପା ବେଞ୍ଜାନା ଏଲୁ ତଃପା ମୁପିସିଡେନୁ
ନାଡାଙ୍ଗି ..... ସାଲ୍ବା ଦି'ନେ

୩- ଏସ୍ପେ ସା'ଞ୍ଜା ମାନେ ମାଈ କୁଇ କାତା ବାରି
ପ୍ଲା'ତେ କାନେ ଜେ'ଡା ଜୀଉ ଗୁଲେ ତାର୍କାଲି ଆନାରୀ
ଏସେ ଜେ'ଡା ଡ଼ାଏ ମାଙ୍ଗେ ନିପ୍ସାଞ୍ଜାନେ ମାଈ କୁଇ କାତା ଇନାରୀ
ବାଦୁ ଡୁଞ୍ଜିନାସୁ ନିପ୍ସାନା ଇଟିନାଶୁ
କୁଇ ଭାଷା ସାହିତ୍ୟ ସମିତି, କୁଇ ସମାଜ ଡେଃଙ୍ଗି
ମାନି ଗୁଲେ ଦାଲା ମାଈ ଦିନା ତା ମାନି ପୁଞ୍ଜାଙ୍ଗା
*ପ୍ଲା'ନାସୁ ମାଈ କୁଇ କାତା ଡ଼େ, ପହି ଆନାସୁ କୁଇ ଜେ'ଡା ଡ଼େ*
ମାଈ କୁଇ ଦିନା ତା ମାନେ ଗୁଲେ ସା'ଞ୍ଜା ମାନି ନିମ୍ବା ପାହେରି ...
ଆଁ .... ଏସିବାଗା
ନାଡାଙ୍ଗି ..... ସାଲ୍ବା ଦି'ନେ

====●====

# ବା'ଦୁ ପଡ଼ିଆନା ଦିନା ଉଜାଡ଼ି ଗିନା

--------------------------

ଶ୍ରୀମତି ହୀରାମତି କହଁର ,ଡାଙ୍ଗଣୀଗାଣ୍ଡ

ଅ'- ଆଜା, ଦା'ଦା, କ'କୁ, ଜହାରୀ ଅଦୁ ,
ପାଟ ପଡ଼ି ଆନାରାଆ' କାତା ବେଞ୍ଜାଦୁ ।
ଡଇ ଆନ୍ଦାରିଆ ଆକୁ ଲଃପି ମାନାସୁ,
କାନ୍‌କା ମାସେକା ବେଏ' ଆକୁ ମେଃପି ସିଡାସୁ ।
ବାଦୁ ବାଦୁ ଗୁଲେ ଲକୁ ପଡ଼ିଆନା ସୁ
ପଡ଼ି ଆଜାନାଇ ଦିନା ଉଜାଡ଼ି ଗିନାସୁ ।
ବାଦୁ ବାଦୁ ପଡ଼ିଆନା ମନ ସିଆନା ,
ପଡ଼ିଆତେକାନି ଆକୁ ନେଗିଲ'କୁ ଆନା ।
କୁ'ଲି ଆଜାମାନୁ ଏସେ ବିଲୁଣି ଇସ୍କୁଲାକା,
ପଡ଼ିଆପାକାଇ ଇଞ୍ଜା ବୁଡା ରାଡ଼ିଙ୍ଗା ।
ଇସ୍କୁଲାକା ଆଇମାନୁ ନାସ୍‌କା ନାସ୍‌କା ,
ପଡ଼ି ଆପାକାଇ ଇଞ୍ଜା ମାଇ ମିଡାଙ୍ଗା ।
ପୁତିଙ୍ଗା ସିଆନା, ତିନ୍‌ବା, ଉନ୍‌ବା ସିଆନା ,
ସରକାର ଗିପିନେରୁ ମା'ଇ ବାଗା ଇଞ୍ଜାନା ।
ସାକି , ଦୁକୁ ମାନେ ମା'ନ୍ଦେ ଡ଼ଇନା ଦିନା ,
ପଡ଼ିଆପାକାଇ ମିଡ଼ାଙ୍ଗା ଗୁଲେ ମୁର୍ସାନା ।
ଇଆ ଆବା ଗୁଲେ ଲ'କୁ ଏଲୁ ଗିଆନା ,
ମିଡାକାନି ଇସୁକୁଲକି ଆକୁ ପାଣ୍ଡିନା ।
ପାଟ ପଡ଼ି ଗିଆନା ଦଃପା ଦୁଃପି ଗିଆନା
ଦେରିଲ'କୁ ଗିନା ଟାକା, ଡାବୁଙ୍ଗା ପା'ନା
ଇଡୁ, ଗୁଡି ଇସନା ଗୁ'ଲେ ସା'ଞ୍ଜା ଗିନା ।

====●====

( ଡମସିଙ୍ଗି ଶାଖା ଦ୍ୱାରା ପ୍ରକାଶିତ **କାନନ କୁସୁମ** ରୁ ଉଦ୍ଧୃତ )

# ନି'ମ୍ବାକାରି କୁଇ

******************

**ଗା'ଡ଼ନୀକ** –ଲମ୍ବୋଦର ପ୍ରଧାନ

( ସଲାଗୁଡା, ସାରଙ୍ଗଡ଼ )

କୁଇ ସା'ଜା କାତାତିଙ୍ଗି    ଆତି କୁଏନ୍ତି
କୁଇ କାତା ଇନୁ ମାଏ    ଇସିଙ୍ଗି ବୁଜ୍ଝିତି । (ବ୍ଡ଼େପା ପଦ )
କୁଇ କାତା ଆଜୁ ମାଏ    ବୁଡୁଜା କୁନା
ନିମ୍ବାକାରି ମା'ନ୍ଦେ କୁଇ    ଡ଼ହନା ଦିନା
ଇରା କାତା ଇନୁ ମାଏ    ଏଲୁ  ଗିଆତି ....
ପଡ଼ିଆତି ଏମେ ବିଏ    ପୁସି ସାରକି
କୁଇ କାତା ବୁଡ୍ଝାନାଙ୍ଗା    ସାସି ନ'କିକି
ଇରା କାତା ଇନୁ ମାଏ    ଏଲୁ ଗିଆତି ...
ବେଞ୍ଜାମୁ ବେଞ୍ଜାମୁ  ଇନୁ    ମାଇ କୁଏନ୍ତି
ଗ୍ରା'ମ୍ୱିନାସୁ କୁଇ କାତା    ପୁସି ପୁନାଃତି
ଇରା କାତା ଇନୁ ମାଏ    ଏଲୁ ଗିଆତି .....

------------------

**ବାକେଡ଼ି- ( ଲମ୍ବୋଦର ପ୍ରଧାନ )**

**୦୧)** ଜନ୍ତୁ ତା'ନୁ କାଲି ଗାଚାରି
ଗିରା ଗା'ମେ ସା'ଞ୍ଜିନାରି
ଫଗୁଣ ଚୈତ୍ରତା କ୍ଲା'ନାରି
ବେସ୍ତାଟୁ ମାଏ ଇରି ଇନାରୀ ?

**୦୨)** ପାଦାଙ୍ଗା ଜଡ଼େକା ତାନୁ ରଣ୍ଡେ
କାରାବେଲା  ମା'ଜିନାରି
ବଡ଼ାଙ୍ଗା ବାସ୍ନାସୁ ନିରୁ ପିସିନାସୁ
ବେସ୍ତାମୁ ମାଏ ଏରି ଇନାରୀ ?

( ଉତ୍ତର ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ )

# ମା'ନ୍ଦେ କୁଇଦିନା

**********************

**ଗା'ଡ଼ନୀକ** : ଧନଞ୍ଜୟ କହଁର

( ମଝିପଡା , ଫିରିଙ୍ଗିଆ )

କୁଇଦିନା ମା'ନ୍ଦେ ଇରି ଏସେ ନେଗାରି
ସ'ରୁ ବାଡି ମ୍ରାହାନୁ ଡ଼ାଇ ଆଜାନେ ପୂରି ।।
କୁଇଦିନା ମା'ନ୍ଦେ ଇରି ଏସେ ନେଗାରି
ବେସ୍କିଞ୍ଜାଇ ଦାଡ଼ି ଦାଡ଼ି ଏସାନାଙ୍ଗା ଇରା ଗାଣି
ଗିପିଞ୍ଜାଇ ଆନୁ ଜହାରି
କୁଇଦିନା ମା'ନ୍ଦେ ଇରି ଏସେ ନେଗାରି ।।୧ ।।
ଏମ୍ବ ମାନେ ଇଙ୍ଗି ବିଦି ଏମ୍ବ ମାନେ ଇଙ୍ଗି ସିଦି
ଦିନାତାନି ପେନୁ ଗିନାରୀ
ଗିକିନାସୁ ପେନୁ ମାକୁ ସରୁ ବାଡି ଟା'ଣା ନାକୁ
ଗିଆନାଙ୍ଗା ତାଙ୍ଗେ ଜହାରି
କୁଇଦିନା ମା'ନ୍ଦେ ଇରି ଏସେ ନେଗାରି ।।୨।।
ସରୁ ତାନି ସରୁ ପେନୁ ନାକୁ ତାନି ଟା'ଣା ପେନୁ
ଦିନାତାନି ମାନେ ଗୋ ଇରି
ଗିକି ନାସୁ ପେନୁ ଆକୁ ସିଆନାଇ ଅ'ଡା, କକୁ
ଡଲୁ ଡଲା ଲୁ'ଙ୍ଗୁ ତିତେରୀ
କୁଇ ଦିନା ମା'ନ୍ଦେ ଇରି ଏସେ ନେଗାରି ।। ୩ ।।
ମେହେନ୍ଦୁ ଆବା ଦାଦା କକୁ ପୁଞ୍ଜୁ ଆବା ଗୁଲେ ଲ'କୁ
କୁଇଦିନା କାତା ଗୋ ଇରି
ଗିଆଜାନେ ମାଙ୍ଗେ ପେନୁ ଜୋ'ଡ଼ା ସିଆନଙ୍ଗା ଡ୍ରା'ନୁ
ଗିଆଞ୍ଜାନେ ଗାଡି ଗୋ ଏରି
କୁଇ ଦିନା ମା'ନ୍ଦେ ଇରି ଏସେ ନେଗାରି ।। ୪ ।।
ଇଟାଜାନେ ତିନ୍ବା ତିଙ୍ଗି ଇଟାଜାନେ ଉନ୍ବା ତିଙ୍ଗି
ସିଆନାଙ୍ଗା ମାଙ୍ଗେ ଗୋ ଏରି
ସରୁବାଡି ଟା'ଣା ଡ୍ରାନୁ ଗାଡି ଗିଆମାନେ ପେନୁ
ଜଡ଼ି କେତା ନେଲା ପାହେରି
କୁଇ ଦିନା ମା'ନ୍ଦେ ଇରି ଏସେ ନେଗାରି।। ୫।।
ସାଜି ନାସୁ ଆକୁ ପ୍ଲା'ମ୍ବୁ ଆହା ନାଇ ବିଡୁ ଆମ୍ବୁ
ଡ୍ରେ'ବିନାସୁ ସରୁ ପାହେରି
ସରୁବାଡି ଆକୁ ଡ୍ରେନା ସମା ସକୁ ଗୁଲେ ବିନା
ବ୍ରାହାଃ ମେଲୁ ଏସେ ଇନାରି
କୁଇଦିନା ମା'ନ୍ଦେ ଇରୀ ଏସେ ନେଗାରି ।। ୬ ।।
ଟାଟା ନାଇ ଗାଜି ଆକୁ ଆକୁ ଗଡ଼େ କୁଇ ଲ'କୁ
ମାନା କୁଇ ଦିନାତା ପୂରି
ତିଞ୍ଜି ନାସୁ ନାପା କୁନା ଦିନାତାନି ଗୋ ମାଞ୍ଜାନା
କୁଇଦିନା ବେସାନା ଇରି
କୁଇ ଦିନା ମା'ନ୍ଦେ ଇରି ଏସେ ନେଗାରି ।। ୭ ।।
ଗୁଲେ ଲକୁ ମିସାଜାନା କୁଇ କାତା ଡେ ଇଟିନା
କାତାମା'ନ୍ଦେ ଇ' ଦିନା ତାରି
କୁଇକାତା ଡେ ବେସାନା ଦିନା ତିଙ୍ଗି ସା'ଞ୍ଜାଗିନା
କୁଇ କାତା ଇଆ ଗୋ ଇରି
କୁଇ ଦିନା ମା'ନ୍ଦେ ଇରି ଏସେ ନେଗାରି ।।୮।।
ମିଲା କାନି ଡେ ବେସାନା କୁଇ ଗ୍ରା'ମ୍ବାଟୁ ଇଞ୍ଜାନା
କୁଇ କାତା ବେସାନା ଇରି
ଜିଉ ଜୋ'ଡା ଆକୁ ସିନା ତାନାବାଗା ଇଟାଦୁନା
ଟ'ସାନାଇ ଡ୍ରାଙ୍ଗେ ପାହେରି
କୁଇଦିନା ମା'ନ୍ଦେ ଇରି ଏସେ ନେଗାରି ।।୯।।

ଆତେ କାନି ବଜି କାଜା     ଉହା ନାଇ ସାଙ୍ଗୁ ବାଜା
ପୁତିନାସୁ ଆଜୁ ମହରି
ଜେ'ଡା ଜହାରି ଗିଆନା     ଏନ୍ଦିନାସୁ ମିଶାଜାନା
ଇଟାଦୁନା ବିଡ଼ା ଗୁଲେରି
କୁଇ ଦିନା ମା'ନ୍ଦେ ଇରି     ଏସେ ନେଗାରି ।।୧୦।।
ସାସେକାନି କାଲୁ ସଡୁ     ବେସ୍କି ସେରୁ ଆକେ ବଡୁ
କୁଇଦିନା ମା'ନ୍ଦେ ପ୍ଲି'ତାରି
ବେସ୍କି ସେରୁ କୁଇ ଗାଣି     ଗିଆନା ତାରୁ କେରଣି
ଗିଆନାଙ୍ଗା ଜେ'ଡା ଜହାରି
କୁଇ ଦିନା ମା'ନ୍ଦେ ଇରି     ଏସେ ନେଗାରି ।। ୧୧।।
କୁଇକାତା ବେସାନାଇ     କୁଇଗାଣି ଏ'ସାନାଇ
ଦାହାଦୁନା ଆଜୁ ପାହେରି
କୁଇ ଗାଣି ସା'ଞ୍ଜା ଗିନା     କୁଇ ଗାଣି ରେହାଃ ସିନା
ମନ ତାନି ଗିଆନା ପୁରି ।।
କୁଇ ଦିନା ମା'ନ୍ଦେ ଇରି     ଏସେ ନେଗାରି ।।୧୨।।

====●====

# ଉଠ ଉଠ ମୋର କନ୍ଧ ଜାତି

କବି- କୁଞ୍ଜ ବିହାରୀ କହଁର ( ପଦର ସାହି ,ବଇଡା )

ଉଠ ଉଠ ମୋର କନ୍ଧ ଜାତି
ରହିଛ କାହିଁକି ମୁଣ୍ଡ ପାତି ।।
କେତେ ଦିନ ହେବ ନିଷ୍ପେସିତ...?
ସଜାଗ ହୁଅ ସର୍ବେ ତୁରିତ ।।
ଭୁଲି ନିଜ ହିଂସା ଭୁଲି ସମସ୍ତ ।
କର୍ମ କରି ହୁଅ ସର୍ବେ ସଶକ୍ତ ।।
କେତେ ଦିନ ହେବ ତୁମ୍ଭେ ଲାଞ୍ଛିତ ?
ଆଉ କେତେ ଦିନ ହେବ ବଞ୍ଚିତ,... ?
କନ୍ଧ କେବେ ମାଗେ ନାହିଁ ଭିକ ।
ନିଜ ସ୍ୱାଭିମାନ ନିଜେ ରଖ ।।
ଗୁଲାମେ ନ ହୁଅ ହଟହଟା ।
ଦେଖାଅ ତୁମର ପରାକାଷ୍ଠା ।।
ଏକ ହୁଅ ମାଟିର ସନ୍ତାନ ।
କର ସମସ୍ୟାର ସମାଧାନ ।।
ସମୟ ପୂର୍ବରୁ ସାବଧାନ ।
ବଜାଇ ରଖ ମାନ ସମ୍ମାନ ।।
ଲୁଟି ନେଲେଣି ଅନେକ ଧନ ।
ଅନୁରୋଧ ମୋ ଫେରାଇ ଆଣ ।।

====●====

# କୁଇ ସମାଜ କୁଇଜ୍

> ଏହି କୁଇଜ ଖଣ୍ଡରେ କୁଇ ସମାଜ,କୁଇ ଜାତି ,କନ୍ଧମାଳ ଜିଲ୍ଲା ,କୁଇ ଭାଷା ଓ ସଂସ୍କୃତି କୁ ନେଇ ପ୍ରଶ୍ନ ପଚରା ଯିବ । ପ୍ରଶ୍ନ ଗୁଡିକର ଉତ୍ତର ଆମ ପାଠକ ବନ୍ଧୁମାନେ ଆମକୁ ଚିଠି କିମ୍ବା email ମାଧ୍ୟମରେ ପଠାଇ ପାରିବେ । ଏହାର ଉତ୍ତର ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ କରାଯିବ ଓ ସଠିକ ଉତ୍ତର ପଠେଇଥିବା ପ୍ରଥମ ପାଞ୍ଚଜଣ ଙ୍କ ନାମ ପତ୍ରିକା ରେ ପ୍ରକାଶ କରାଯିବ ।
>
> ତା ଛଡା ଯେଉଁମାନେ କୁଇଜ ପାଇଁ ପ୍ରଶ୍ନ ପଠେଇବାକୁ ଇଚ୍ଛାପ୍ରକାଶ କରୁଛନ୍ତି ସେମାନେ ଆମ ଠିକଣାରେ ପ୍ରଶ୍ନ ପଠେଇ ପାରିବେ , ସେ ସଂଖ୍ୟାର କୁଇଜ ତାଙ୍କ ନାମରେ ପ୍ରକାଶ ପାଇବ ।

ପ୍ରଶ୍ନ ୧) କନ୍ଧମାଳ ଜିଲ୍ଲାରେ ପ୍ରତିଷ୍ଠା ହୋଇଥିବା ପ୍ରଥମ କୁଇ ସମାଜ ସଂଗଠନର ନାମ କ'ଣ?

ପ୍ରଶ୍ନ ୨) କନ୍ଧମାଳ ଜିଲ୍ଲାର ପ୍ରଥମ ଡାକ୍ତରଙ୍କ ନାମ କ'ଣ ?

ପ୍ରଶ୍ନ ୩) ଫୁଲବାଣୀ ସହରର ପ୍ରତିଷ୍ଠତା କାହାକୁ କୁହାଯାଏ ଓ କେବେ ପ୍ରତିଷ୍ଠା ହୋଇଥିଲା ?

ପ୍ରଶ୍ନ ୪) ଫୁଲବାଣୀ ପୂର୍ବରୁ କନ୍ଧମାଳ ଜିଲ୍ଲାର ସଦର ମହକୁମା କେଉଁଠି ଥିଲା ?

ପ୍ରଶ୍ନ ୫) କିମ୍ବଦନ୍ତୀ ଅନୁସାରେ କୁଇ/କନ୍ଧ ମାନଙ୍କ ସୃଷ୍ଟି କେଉଁଠି ?

ପ୍ରଶ୍ନ ୬) କନ୍ଧମାଳ ଜିଲ୍ଲାରେ କେତେ ପ୍ରକାରର କନ୍ଧ ବସବାସ କରନ୍ତି ଏବଂ ତାଙ୍କ ନାମ କ'ଣ କ'ଣ ?

ପ୍ରଶ୍ନ ୭) କନ୍ଧମାଳ ଜିଲ୍ଲାର ପ୍ରଥମ ମନୋନୀତ ବିଧାୟକଙ୍କ ନାମ କ 'ଣ ?

ପ୍ରଶ୍ନ ୮) କୁଇ ସମାଜ ଦ୍ୱାରା ପ୍ରକାଶ ହେଉଥିବା ପ୍ରଥମ ପତ୍ରିକାର ନାମ କ'ଣ ?

ପ୍ରଶ୍ନ ୯) କୁଇ ସମାଜ ଯୁବ ପରିଷଦ କିଏ ପ୍ରତିଷ୍ଠା କରିଥିଲେ ଏବଂ ଏହା କେବେ ପ୍ରତିଷ୍ଠା ହୋଇଥିଲା ?

ପ୍ରଶ୍ନ ୧୦) କୁଇ ସମାଜ ସେବା ସମିତି ଫୁଲବାଣୀର କେଉଁ ସଭାପତି ପ୍ରଥମେ ଆଦିବାସୀଙ୍କ ଜଙ୍ଗଲ ,ଜମି ଅଧିକାର ପାଇଁ ଲଢେଇ କରି ଜେଲ ଯାଇଥିଲେ ?

## ଆଦିବାସୀଙ୍କ ଅଧିକାର :

ଏହି ଖଣ୍ଡରେ ଆମ ଆଦିବାସୀ ମାନଙ୍କ ବିଭିନ୍ନ ଅଧିକାର ବିଷୟରେ ପ୍ରବନ୍ଧ ପ୍ରକାଶ କରାଯିବ । ଆଦିବାସୀଙ୍କ ହକ୍ ଓ ଅଧିକାର ବିଷୟରେ ଭାରତ ସମ୍ବିଧାନରେ କ'ଣ କ'ଣ ଉଲ୍ଲେଖ ଅଛି ଓ ଆଦିବାସୀଙ୍କ ବିକାଶ ପାଇଁ ସରକାର କ'ଣ କ'ଣ କରିବା ଆବଶ୍ୟକ ଏଠାରେ ସେ ବିଷୟରେ ଆମ ଆଦିବାସୀ ମାନଙ୍କୁ ସଚେତନ କରାଯିବ । ତତ୍ ସହିତ ସରକାରଙ୍କ ଆଦିବାସୀଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା ବିଷୟରେ ଓ ବାସ୍ତବରେ ସେ ଯୋଜନାର ପ୍ରଣୟନ କିପରି ହେଉଛି ,ଆମ ଆଦିବାସୀମାନେ କେତେ ଉପକୃତ ହେଉଛନ୍ତି ତାହାର ବିଶ୍ଳେଷଣାତ୍ମକ ଲେଖା ମଧ୍ୟ ପ୍ରକାଶ ପାଇବ । ଏହି ମାସର ବିଷୟବସ୍ତୁ ହେଲା :

## ଅନୁସୂଚିତ କ୍ଷେତ୍ର ଓ ଆଦିବାସୀ

**ପ୍ରାବନ୍ଧିକ - ଦେବାଶିଷ କହଁର**

ଆଦିବାସୀମାନେ ସବୁବେଳେ ନିଜକୁ ବାହାରବାସୀଙ୍କ ଠାରୁ  ଅଲଗା ରଖିବାକୁ ଚେଷ୍ଟା କରିଛନ୍ତି । ତେଣୁ ସେମାନେ ବିଶେଷ କରି ଘଞ୍ଚ ବନ ଜଙ୍ଗଲ ପରି ଅଭେଦ୍ୟ ଅଞ୍ଚଳରେ ସାମୁହିକ ଭାବରେ ବା ଗୋଷ୍ଠୀ କରି ରହିବାକୁ ପସନ୍ଦ କରନ୍ତି । ପ୍ରକୃତି କୋଳୋରେ ସ୍ୱଳ୍ପ ସାଧନକୁ ବିନିଯୋଗ କରି ସାଧାରଣ ଜୀବନ ଯାପନ କରନ୍ତି । ଅନ୍ୟମାନଙ୍କ ଠାରୁ ଏହି ଦୂରତା ବା ବିଛିନ୍ନତା ହିଁ ଆଜି ଆଦିବାସୀଙ୍କୁ ଅଣ-ଆଦିବାସୀଙ୍କ ଠାରୁ ଅଲଗା କରୁଛି ଓ ସ୍ୱତନ୍ତ୍ରତା ପ୍ରଦାନ କରୁଛି । ଏହାରି ଫଳରେ ଆଦିବାସୀଙ୍କ ଜୀବନଶୈଳୀ ,ସମାଜ ,ସଂସ୍କୃତି ଅନ୍ୟ ମାନଙ୍କ ଠାରୁ ଅଲଗା ଓ ସ୍ୱତନ୍ତ୍ର । ଗୋଟିଏ ଆଦିବାସୀ କେବଳ ନିଜ ସମୁଦାୟ ବା ଗୋଷ୍ଠୀର ଲୋକଙ୍କୁ ହିଁ ନିଜର ମଣିଥାଏ ବାକି ସମସ୍ତଙ୍କୁ ବାହାରବାସୀ ମାନିଥାଏ । ଆଦିବାସୀ ଜଳ ,ଜମି,ଜଙ୍ଗଲକୁ ପ୍ରାରମ୍ଭରୁ ହିଁ ତା'ର ସମ୍ପଦ ଓ ମା' ରୂପେ ଗ୍ରହଣ କରିଛି । ଯେତେବେଳେ ବି ବାହାରବାସୀ ତା'ଠାରୁ ଏସବୁ ଛଡାଇବାକୁ ପ୍ରୟାସ କରିଛନ୍ତି ସେ ସଂଘର୍ଷ କରିଛି ପ୍ରାଣ ବଳି ଦେଇଛି । ଜଳ ଜମି ଜଙ୍ଗଲର ସୁରକ୍ଷା ପାଇଁ ଅନବରତ ଚେଷ୍ଟା ଚଳାଇଛି । ତେଣୁ ଆଦିବାସୀଙ୍କ ଜମିର ସୁରକ୍ଷା ଓ ତାହାକୁ ବାହାରବାସୀ ଯେପରି କୌଶଳ କରି ହାତେଇ ନ ନିଅନ୍ତୁ ,ସେଇଥି ପାଇଁ ଇଂରେଜ ସରକାର ମଧ୍ୟ chhotanagpur tenancy act ,santala pragana tenancy act ପରି ଅନେକ ଆଇନ ତାଙ୍କ ରାଜୁତି ସମୟରେ ତିଆରି କରିଥିଲେ । ଆଦିବାସୀମାନେ ରାଜା ଶାସନ କାଳରେ ମଧ୍ୟ ନିଜକୁ ସ୍ୱାଧୀନ ରଖିଥିଲେ । କୌଣସି ରାଜାଙ୍କ ଅଧୀନତା ସ୍ୱୀକାର କରିନଥିଲେ କି ନିଜେ ବି କୌଣସି ରାଜତନ୍ତ୍ର ପ୍ରତିଷ୍ଠା କରିନଥିଲେ ,କାରଣ ସେମାନେ ମୂଳରୁ ଗଣତନ୍ତ୍ର ବିଧିରେ ପରିଚାଳିତ । ନିଜ ସମାଜର ଯେ କୌଣସି ବିଷୟରେ ନିଷ୍ପତି ସେମାନେ  ସାମୁହିକ ବୈଠକ ଓ ଆଲୋଚନା କରି ନିଅନ୍ତି । ଯାହା ଏକ ଉନ୍ନତ ଗଣତନ୍ତ୍ରର ପ୍ରତୀକ । ଆଜି ଭାରତ ସରକାର ଯଦିଓ ଆଦିବାସୀଙ୍କ ଏପରି ବ୍ୟବସ୍ଥାକୁ ସ୍ୱୀକୃତି ଦେଇନାହିଁ ଓ ସବୁ ସରକାର ତିଆରି କରିଥିବା ନିୟମରେ ତାଙ୍କୁ ପରିଚାଳନା  କରିବାକୁ ଚେଷ୍ଟା କରୁଛି  ,ତଥାପି

ଆଦିବାସୀମାନେ ତାଙ୍କରି ଅନେକ ଓ ପରମ୍ପରା , ନ୍ୟାୟ ନିଶାପ ଓ ଭଲବିଚାରକୁ ବଞ୍ଚାଇ ରଖିଛନ୍ତି । ଏହି ସ୍ୱତନ୍ତ୍ରତାକୁ ସେ ସମୟର ରାଜା ଓ ପରେ ଇଂରେଜ ସରକାର ମଧ୍ୟ ସମ୍ମାନ ଦେଇଥିଲେ । ଇଂରେଜ ସରକାର ଏହି ସୁଯୋଗର ଫାଇଦା ନେଇ ଆଦିବାସୀଙ୍କ ସ୍ୱତନ୍ତ୍ରତାର ସୁରକ୍ଷା ନାମରେ ଆଦିବାସୀ ବହୁଳ ଅଞ୍ଚଳମାନଙ୍କୁ excluded / partially excluded area ଭାବରେ ଘୋଷଣା କରି ସେଠାରେ ବାହାରବାସୀ ବା ସମତଳ ଅଞ୍ଚଳବାସୀଙ୍କୁ ଯିବାକୁ ବାରଣ କରିଥିଲେ କିନ୍ତୁ ଖ୍ରୀଷ୍ଟିୟାନ ମିଶନାରୀ ମାନଙ୍କୁ ସେଠାରେ ଧର୍ମ ପରିବର୍ତ୍ତନ ପାଇଁ ଖୋଲା ଛାଡିଦେଇଥିଲେ । ପରେ ଇଂରେଜ ସରକାର ଅନୁସୂଚିତ ଜିଲ୍ଲା ( scheduled district ) ଅଧିନିୟମ – 1874 ବନାଇ ଏହିସବୁ excluded/partially excluded area ତା'ଅଧିନକୁ ଆଣି ଥିଲେ ଓ ସିଧାସଳଖ ଶାସନ କରୁଥିଲେ । ପରେ ଭାରତ ସରକାର ଅଧିନିୟମ-୧୯୩୫( Government of India Act -1935 ) ରେ ମଧ୍ୟ ଏସବୁ ଅଞ୍ଚଳକୁ ଅନୁସୂଚିତ ଜିଲ୍ଲା ଭାବରେ ଘୋଷଣା କରଯାଇଥିଲା ।

ଭାରତ ସ୍ୱାଧୀନ ହେବା ପରେ ଏହିସବୁ ଅଞ୍ଚଳର ଶାସନ ପାଇଁ ସମ୍ବିଧାନ ରେ ପଞ୍ଚମ ଓ ଷଷ୍ଠ(କେବଳ ଅବିଭାଜିତ ଆସାମ ରାଜ୍ୟ ପାଇଁ ) ଅନୁସୂଚୀରେ ନିୟମ ଲିପିବଦ୍ଧ କରାଗଲା । ସମ୍ବିଧାନର ଧାରା ୨୪୪ ରେ ଅନୁସୂଚିତ ଅଞ୍ଚଳ/ଆଦିବାସୀ ଅଞ୍ଚଳର ଶାସନ ପାଇଁ ପଞ୍ଚମ ଅନୁସୂଚି ଲାଗୁ ହେବ ବୋଲି ସ୍ପଷ୍ଟ ଉଲ୍ଲେଖ ଅଛି ।

ଅନୁସୂଚିତ ଅଞ୍ଚଳ ବା ଜିଲ୍ଲା ଘୋଷଣା କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଆଦିବାସୀଙ୍କ ସ୍ୱାୟତ୍ତତା (self governance )ଓ ସଂସ୍କୃତିର ରକ୍ଷା ପୂର୍ବକ ତାଙ୍କୁ ସାମାଜିକ ,ଆର୍ଥିକ ,ରାଜନୈତିକ ନ୍ୟାୟ ପ୍ରଦାନ କରିବା । ତାଙ୍କର ଆର୍ଥିକ ବିକାଶ ତାଙ୍କ ସଂସ୍କୃତିକୁ ବିନାଶ କରି ନୁହେଁ ବରଂ ତାଙ୍କ ସଂସ୍କୃତି ଓ ବିଚାରଧାରା ଅନୁସାରେ କରିବା । ଭାରତର ସର୍ବୋଚ୍ଚ ନ୍ୟାୟଳୟ ମଧ୍ୟ ଆଦିବାସୀଙ୍କ ଜଳ, ଜମି ,ଜଙ୍ଗଲ ଅଧିକାରକୁ ସ୍ୱୀକୃତି ଦେଇଛନ୍ତି । ସାମନ୍ତା ବନାମ ଆନ୍ଧ୍ର ପ୍ରଦେଶ ସରକାର କେସ-୧୯୯୭ ରେ ଫଇସଲା କରି ସୁପ୍ରୀମ କୋର୍ଟ ରାୟ ଦେଇଛନ୍ତି ଯେ ଅନୁସୂଚିତ ଅଞ୍ଚଳରେ ଥିବା ସମସ୍ତ ଜମି ଅନୁସୂଚିତ ଜମି ଅଟେ । ତେଣୁ ସେହି ଜମିକୁ କୌଣସି ଅଣ-ଆଦିବାସୀଙ୍କୁ ଦିଆଯାଇପରିବା ନାହିଁ । ଅର୍ଥାତ କେବଳ ଯେ ଆଦିବାସୀଙ୍କ ପଟ୍ଟା ଜମି ଅଣ-ଆଦିବାସୀଙ୍କୁ ହସ୍ତାନ୍ତର ଯୋଗ୍ୟ ନୁହେଁ ବରଂ ଅନୁସୂଚିତ କ୍ଷେତ୍ରରେ ଥିବା ସମସ୍ତ ପ୍ରକାର ଜମି ଯଥା ଜଙ୍ଗଲ ,ଅନାବାଦି ଓ ଅନ୍ୟାନ୍ୟ ଜମି ମଧ୍ୟ ଅଣ-ଆଦିବାସୀଙ୍କୁ ହସ୍ତାନ୍ତର ହୋଇ ପାରିବ ନାହିଁ । ଏପରି ଜମିକୁ କୌଣସି ଅଣ-ଆଦିବାସୀଙ୍କୁ ଲିଜ୍ ମଧ୍ୟ ଦିଆଯାଇ ପାରିବ ନାହିଁ ।

**ଅନୁସୂଚିତ ଅଞ୍ଚଳ ଘୋଷଣା ପାଇଁ ମାନଦଣ୍ଡ :**

ସମ୍ବିଧାନରେ ଏହା ପାଇଁ କୌଣସି ମାନଦଣ୍ଡ ନିର୍ଦ୍ଧାରଣ କରାଯାଇ ନାହିଁ । ପଞ୍ଚମ ଅନୁସୂଚୀ ରାଷ୍ଟ୍ରପତିଙ୍କୁ ଏହି କ୍ଷମତା ପ୍ରଦାନ କରିଛି ଯେ ସେ କୌଣସି ଅଞ୍ଚଳକୁ ଅନୁସୂଚିତ ଅଞ୍ଚଳ ଘୋଷଣା କରିପାରିବେ ଏବଂ ଅନୁସୂଚିତ ଅଞ୍ଚଳରେ କିଛି ପରିବର୍ତନ ମଧ୍ୟ କରି ପାରିବେ । କିନ୍ତୁ ପ୍ରଥମ ଅନୁସୂଚିତ ଅଞ୍ଚଳ ଓ ଅନୁସୂଚିତ ଜନଜାତି କମିଶନ ( ଧେବର କମିଶନ ,୧୯୬୦-୬୧ )ତାଙ୍କ ରିପୋର୍ଟ ରେ ଏଥିପାଇଁ କିଛି ମାନଦଣ୍ଡ ନିର୍ଦ୍ଧାରଣ କରିଛନ୍ତି । ଯଥା :

- ଆଦିବାସୀଙ୍କ ସଂଖ୍ୟା ବହୁଳତା
- ଅଞ୍ଚଳର ଆକାର ଓ ଘନତାର ପରିମାଣ
- ଅଞ୍ଚଳର ଅନୁନ୍ନତା
- ଅନ୍ୟ ପାଖ ଅଞ୍ଚଳରୁ ଆର୍ଥିକ କ୍ଷେତ୍ରରେ ପଛୁଆ , ଆଦି ।

**ପଞ୍ଚମ ଅନୁସୂଚୀର ନିୟମ :**

୧ ) ଯେଉଁ ରାଜ୍ୟରେ ଅନୁସୂଚିତ କ୍ଷେତ୍ର ଅଛି ସେହି ରାଜ୍ୟ ସରକାରଙ୍କ କାର୍ଯ୍ୟପାଳିକା କ୍ଷମତାକୁ ଅନୁସୂଚିତ କ୍ଷେତ୍ରକୁ ବିସ୍ତାର କରାଗଲା । ଅର୍ଥାତ୍ ଅନୁସୂଚିତ କ୍ଷେତ୍ର ଉପରେ କ୍ଷମତା ପ୍ରୟୋଗ କରିବା ରାଜ୍ୟ ସରକାରଙ୍କ ମୂଳ ଅଧିକାର ନୁହେଁ । ଏହି କ୍ଷମତା ତାଙ୍କୁ ସ୍ୱତନ୍ତ୍ର ରୂପେ ପ୍ରଦାନ କରାଯାଇଛି ।
୨ )ଅନୁସୂଚିତ କ୍ଷେତ୍ର ଥିବା ରାଜ୍ୟର ରାଜ୍ୟପାଳ ପ୍ରତିବର୍ଷ କିମ୍ବା ଯେବେ ରାଷ୍ଟ୍ରପତି ଚାହିଁବେ ତେବେ ସେ ରାଷ୍ଟ୍ରପତିଙ୍କୁ ଅନୁସୂଚିତ କ୍ଷେତ୍ରର ପ୍ରଶାସନ ଓ ଆଦିବାସୀଙ୍କ ସ୍ଥିତିକୁ ନେଇ ଏକ ରିପୋର୍ଟ ପ୍ରଦାନ କରିବେ । କେନ୍ଦ୍ର ସରକାର ଅନୁସୂଚିତ ଅଞ୍ଚଳ ରେ ସୁଶାସନ ପାଇଁ ରାଜ୍ୟସରକାରଙ୍କୁ ପ୍ରତ୍ୟେକ ବିଷୟରେ ନିର୍ଦ୍ଦେଶ ଦେଇପାରିବେ ( ରାଜ୍ୟ ସରକାରଙ୍କ ବିଷୟରେ ମଧ୍ୟ ) ।

୩ ) ଅନୁସୂଚିତ କ୍ଷେତ୍ର ଥିବା ରାଜ୍ୟର ରାଜ୍ୟପାଳଙ୍କୁ ଅଖଣ୍ଡ କ୍ଷମତା ପ୍ରଦାନ କରାଯାଇଛି । ସେ ଏହି ସବୁ କ୍ଷମତା କୁ ନିଜ ବିବେକ ବଳରେ ରାଜ୍ୟସରକାରଙ୍କ ବିନା ପରାମର୍ଶରେ ବ୍ୟବହାର କରି ପାରିବେ । ରାଜ୍ୟପାଳ ବିଚାର କରିବେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୌଣସି ନିୟମ ଅନୁସୂଚିତ କ୍ଷେତ୍ରରେ ଲାଗୁ ହେବ ବା ନାହିଁ । ସେ ଚାହିଁଲେ କୌଣସି ନିୟମକୁ ଅନୁସୂଚିତ କ୍ଷେତ୍ର ରେ ଲାଗୁ ହେବାକୁ ବାରଣ କରିପାରିବେ ବା ତାହାକୁ ଆବଶ୍ୟକ ପରିବର୍ତ୍ତନ କରି ଲାଗୁ କରିପାରିବେ ।
କିନ୍ତୁ ଆଜି ପର୍ଯ୍ୟନ୍ତ କିଏ ମଧ୍ୟ ତାଙ୍କ କ୍ଷମତାକୁ ସଠିକ ଭାବେ ବିନିଯୋଗ କରି ନାହାନ୍ତି ।

**୪ ) ଆଦିବାସୀ ପରାମର୍ଶଦାତା ପରିଷଦ** ( Tribes Advisory Council -TAC ):

ଯେଉଁ ରାଜ୍ୟରେ ଅନୁସୂଚିତ ଅଞ୍ଚଳ ଥିବ/ଆଦିବାସୀ ବହୁଳ ରାଜ୍ୟ ରେ ସେହି ରାଜ୍ୟ ସରକାର ରାଜ୍ୟର ବିଧାୟକ ମାନଙ୍କୁ ନେଇ ସର୍ବାଧିକ ୨୦ ସଦସ୍ୟ ବିଶିଷ୍ଟ ଏକ ଆଦିବାସୀଙ୍କ ପରାମର୍ଶଦାତା ପରିଷଦ ଗଠନ କରିବେ । ଯେଉଁଠି ତିନି ଚତୁର୍ଥାଂଶ ସଦସ୍ୟ ଆଦିବାସୀ ବିଧାୟକ ହୋଇଥିବା ଆବଶ୍ୟକ ,ଯଦି ଆଦିବାସୀ ବିଧାୟକ ନାହାନ୍ତି ତେବେ ଆଦିବାସୀ ମାନଙ୍କ ମଧ୍ୟରୁ ବିଶିଷ୍ଟ ବ୍ୟକ୍ତିଙ୍କୁ ରାଜ୍ୟପାଳ ମନୋନୀତ କରିବେ ।ଏହାର ଅଧ୍ୟକ୍ଷଙ୍କୁ ରାଜ୍ୟପାଳ ବାଛିବେ ଏବଂ ନିଯୁକ୍ତି କରିବେ । ରାଜ୍ୟପାଳ କୌଣସି ବିଷୟରେ ଚାହିଁଲେ ଏହି ପରିଷଦର ପରାମର୍ଶ ନେବେ ।ଏହି ପରିଷଦ ରାଜ୍ୟ ସରକାର ଓ ରାଜ୍ୟପାଳଙ୍କୁ ଅନୁସୂଚିତ ଅଞ୍ଚଳରେ ସୁଶାସନ ପାଇଁ ପରାମର୍ଶ ଓ ସୁପାରିସ କରିପାରିବ ।

ଭାରତର ପ୍ରତ୍ୟେକ ରାଜ୍ୟରେ ଆଦିବାସୀ ବାସ କରନ୍ତି କେବଳ ଦିଲ୍ଲୀ ,ପଞ୍ଜାବ ,ହରିୟାଣା ,ପଣ୍ଡିଚେରୀ ଓ ଚଣ୍ଡୀଗଡ଼କୁ ଛାଡ଼ି । କିନ୍ତୁ ପଞ୍ଚମ ଅନୁସୂଚିରେ କେବଳ ଦଶଟି ରାଜ୍ୟ ଓ ଷଷ୍ଠ ଅନୁସୂଚି ରେ କେବଳ ଚାରୋଟି ରାଜ୍ୟ ଅନ୍ତର୍ଭୁକ୍ତ ।୨୦୧୧ ଜନଗଣନା ଅନୁସାରେ ଅନୁସୂଚିତ ଅଞ୍ଚଳରେ କେବଳ ୩୦ % ଆଦିବାସୀ ବାସ କରନ୍ତି । ଅନେକ ରାଜ୍ୟ ଯେପରି ପଶ୍ଚିମ ବଙ୍ଗ,ତାମିଲନାଡୁ ,କେରଳ,କର୍ଣ୍ଣାଟକ ଯେଉଁଠି ବହୁତ ସଂଖ୍ୟାରେ ଆଦିବାସୀ ବାସ କରନ୍ତି ,ସେଠାରେ ମଧ୍ୟ ଆଦିବାସୀଙ୍କ ପାଇଁ ଅନୁସୂଚିତ କ୍ଷେତ୍ର ଘୋଷଣା ହୋଇନାହିଁ । ଯାହା ଏକ ବିଡ଼ମ୍ବନାର ବିଷୟ । ଆଜି ପର୍ଯ୍ୟନ୍ତ ଆମ ରାଜ୍ୟରେ ନୂତନ TAC(୨୦୧୯ ନିର୍ବାଚନ ପରେ ) ଗଠନ ହୋଇନାହିଁ କି ଆମ ଆଦିବାସୀ ବିଧାୟକମାନେ ମଧ୍ୟ ଏହା ପାଇଁ କୌଣସି ପଦକ୍ଷେପ ନେଇନାହାନ୍ତି କି ସ୍ୱର ଉତ୍ତଳନ କରିନାହାନ୍ତି । ସମ୍ବିଧାନ ରାଜ୍ୟ ସରକାର ,କେନ୍ଦ୍ର ସରକାର ,ରାଜ୍ୟପାଳ ,ରାଷ୍ଟ୍ରପତି ସମସ୍ତଙ୍କୁ ଆଦିବାସୀଙ୍କ ବିକାଶ ଓ ସୁଶାସନ ପାଇଁ କ୍ଷମତା ପ୍ରଦାନ କରିଛନ୍ତି କିନ୍ତୁ ସମସ୍ତେ ହାତ ବାନ୍ଧି ଚୁପ୍ । ସମ୍ବିଧାନକୁ କିଏ ମଧ୍ୟ ସଠିକ ଭାବେ ମାନୁ ନାହାନ୍ତି । ଆମେ ଆଦିବାସୀମାନେ ମଧ୍ୟ ନିଜ ଅଧିକାରକୁ ନଜାଣି ଚୁପ୍ ରହିଛୁ । ସରକାରଙ୍କୁ ଦାବି କରୁ ନାହିଁ । ତେଣୁ ଯେ ପର୍ଯ୍ୟନ୍ତ ଆମେ ସଚେତନ ନ ହେବା ନିଜ ଅଧିକାର ନ ମାଗିବା ତେବେ ପର୍ଯ୍ୟନ୍ତ ଆମର ଉନ୍ନତି ହୋଇ ପାରିବ ନାହିଁ ।

ଗ୍ରାମ – ସାର୍ତ୍ତାଗୁଡ଼ା, ଫୁଲବାଣୀ
( ସଭାପତି ,କୁଇ ସମାଜ ଯୁବ ପରିଷଦ )

## କୁଇ ସମାଜର ଶ୍ରେଷ୍ଠ ବ୍ୟକ୍ତିତ୍ୱ.....

ଆମ କୁଇ ସମାଜ କୁଇ ମାଟି ଅନେକ ପ୍ରତିଭା ମାନଙ୍କୁ ଜନ୍ମ ଦେଇଛି । ସେମାନେ ବହୁ ବାଧା ବିଘ୍ନ ଘାତ ପ୍ରତିଘାତ ସହ୍ୟ କରି ନିଜର ପ୍ରତିଭାକୁ ଦୁନିଆ ଆଗରେ ପ୍ରଦର୍ଶିତ କରିଛନ୍ତି । ସେମାନେ ବଣର ମଲ୍ଲୀ ହୋଇଥିଲେ ମଧ ବଣରେ ଝାଉଁଳି ନଯାଇ ଦୁନିଆକୁ ନିଜର ମହକରେ ମହକିତ କରିଛନ୍ତି । ସେପରି ବ୍ୟକ୍ତିତ୍ୱ ଆମ ସମାଜ ପାଇଁ ଗର୍ବ , ଗୌରବ ଓ ନମସ୍ୟ ମଧ । ଏହି ଖଣ୍ଡରେ ସେପରି ମହାନ ବ୍ୟକ୍ତିତ୍ୱ ମାନଙ୍କର ଜୀବନୀକୁ ପ୍ରକାଶ କରି ସମସ୍ତଙ୍କ ପାଖକୁ ତାଙ୍କ କୃତିତ୍ୱ ପହଞ୍ଚାଇବା ଆମର ପ୍ରୟାସ .....

## ଡାକ୍ତର ଦେବେଶ୍ୱର କହଁର

ଅମରେନ୍ଦ୍ର କହଁର

ଗୋ ଜାତିର ଉନ୍ନତି କରିବା ନିମନ୍ତେ ଆଜିକାଲି କୃତ୍ରିମ ପ୍ରଜନନ ପଦ୍ଧତି ଅନୁସୃତ ହେଉଛି । ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଏହି ପଦ୍ଧତି ସରକାରଙ୍କ ପଶୁପାଳନ ବିଭାଗ ଦ୍ୱାରା ବ୍ୟାପକ ଭାବରେ ପ୍ରବର୍ତ୍ତନୀ କରାଯାଇଛି । ଏହା ବିନା ଗୋପାଳନର ସଫଳତା କଳ୍ପନା କରଯାଇ ପାରିବ ନାହି । କିନ୍ତୁ ପଚାଶ ବର୍ଷ ପୂର୍ବେ ଓଡିଶାରେ ଏହି ପଦ୍ଧତି ଥିଲା ସମ୍ପୂର୍ଣ୍ଣ ନୂତନ । ଓଡିଶାରେ ସର୍ବ ପ୍ରଥମେ ଏହି ପଦ୍ଧତିର ପ୍ରଚାର ଓ ପ୍ରସାର ଦାୟିତ୍ୱ ପଶୁପାଳନ ଓ ଚିକିତ୍ସାଂ ବିଭାଗର ଯେଉଁ ଅଫିସରଙ୍କ ଉପରେ ନ୍ୟସ୍ତ ହୋଇଥିଲା ସେ ହେଉଛନ୍ତି କନ୍ଧମାଳ ଜିଲ୍ଲାର ଜଣେ ଅଗ୍ରଗଣ୍ୟ କୃତି ସନ୍ତାନ – ଡାକ୍ତର ଦେବେଶ୍ୱର କହଁର ।

ଦେବେଶ୍ୱର କହଁର ଜନ୍ମଗ୍ରହଣ କରିଥିଲେ ଫୁଲବାଣୀ ନିକଟବର୍ତ୍ତୀ ଗୁଦାରୀ ଗ୍ରାମର ଏକ କନ୍ଧ ପରିବାରରେ ୧୯୦୯ ମସିହା ନଭେମ୍ବର ୨୮ ତାରିଖ ଦିନ । ପିତା ଯାନୀ କହଁର ଥିଲେ ଜଣେ କୃଷକ । ମାତାଙ୍କ ନାମ ଥିଲା ସୁଷମା କହଁର ।

**ଶିକ୍ଷା :** ଗ୍ରାମର ନିମ୍ନ ପ୍ରାଥମିକ ବିଦ୍ୟାଳୟରେ ତାଙ୍କର ଶିକ୍ଷା ଆରମ୍ଭ ହୋଇଥିଲା । ସେ ଚତୁର୍ଥରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଫୁଲବାଣୀସ୍ଥ ମଧ ଇଂରାଜୀ ବିଦ୍ୟାଳୟରେ ପାଠ ପଢିଥିଲେ । ସେତେବେଳେ କନ୍ଧମାଳ ଓ ଅନୁଗୁଳକୁ ନେଇ ଏକ ଜିଲ୍ଲା ଗଠିତ ହୋଇଥିଲା । କନ୍ଧମାଳରେ ଉଚ୍ଚ ଶିକ୍ଷାର କୌଣସି ବ୍ୟବସ୍ଥା ନ ଥିବାରୁ ସେ ଅନୁଗୁଳ ହାଇ ସ୍କୁଲରେ ଅଧୟନ କରି ୧୯୨୭ ରେ ମାଟ୍ରିକ୍ୟୁଲେଶନ ପାସ୍ କରିଥିଲେ । ଅନୁଗୁଳ ଓ ଫୁଲବାଣୀ ମଧରେ ଯାନବାହାନ ଯାତାୟତର ସୁବିଧା ନଥିଲା । ବାଘ ,ହାତୀ ଆଦି ବନ୍ୟାଜନ୍ତୁଙ୍କ ଭୟ ମଧରେ ସଙ୍କୁଳ ଦୁର୍ଗମ ରାସ୍ତାରେ ଚାଲି ଚାଲି ଅନୁଗୁଳ ଯିବାକୁ ପଡୁଥିଲା । କିଶୋର ଅବସ୍ଥାରେ ଏସବୁ ପ୍ରତିବନ୍ଧକ ପ୍ରତି ଭୃକ୍ଷେପ ନ କରି ସେ ଶିକ୍ଷା ଲାଭ ପାଇଁ ଆଗ୍ରହୀ ହୋଇଥିଲେ ।

ସେ ସଫଳତାର ସହିତ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ୧୯୨୭ -୨୯ରେ ସେ ରେଭେନ୍ସା କଲେଜରେ ଅଧ୍ୟୟନ କରି ଆଇ.ଏସ.ସି. ପାସ କଲେ । ପାଟଣାସ୍ଥ ବିହାର ଓଡ଼ିଶା ଭେଟେରିନାରୀ କଲେଜରୁ ୧୯୩୩ରେ ଭେଷଜ ଓ ଶଲ୍ୟ ଚିକିତ୍ସା ରେ ଗ୍ରାଜୁଏଟ ଡିଗ୍ରୀ ହାସଲ କଲେ । ଭେଟେରିନାରୀ ଆସିଷ୍ଟାଣ୍ଟ ସର୍ଜନ ( VAS ) ଭାବରେ ୧୩ ବର୍ଷ ଚାକିରୀ କଲା ପରେ ଉଚ୍ଚ ଶିକ୍ଷା ପାଇଁ ଯାଇଥିଲେ । ଇଣ୍ଡିଆନ ଭେଟେରିନାରୀ ଇନଷ୍ଟିଚ୍ୟୁଟ ମୁକ୍ତେଶ୍ୱର ଓ ଇଜତ ନଗରରୁ ସେ ୧୯୪୮ ସେପ୍ଟେମ୍ବର ମାସରେ ପଶୁ ଚିକିତ୍ସା ବିଜ୍ଞାନରେ ପୋଷ୍ଟ –ଗ୍ରାଜୁଏଟ୍ କୋର୍ସ ଅଧ୍ୟୟନ ଶେଷ କରିଥିଲେ । ୧୯୪୯ରେ ସେହି କଲେଜରୁ ପଶୁପାଳନ ସମ୍ପର୍କୀୟ ଆଡଭାନସ୍ କୋର୍ସରେ ସଫଳତା ସହ ତାଲିମପ୍ରାପ୍ତ ହୋଇଥିଲେ । ସେହି ବୈଷୟକ ଶିକ୍ଷାନୁଷ୍ଠାନରେ ୧୯୫୩-୫୪ ରେ Artificial insemination and physiopathology of reproduction ବିଷୟରେ ସ୍ୱତନ୍ତ୍ର ପାଠ୍ୟକ୍ରମ ଅଧ୍ୟୟନ କରିଥିଲେ । ୧୯୫୭ ମସିହାରେ କଲମ୍ବୋ ପ୍ଲାନର Technical Co-operation Scheme ଅନୁସାରେ ଇଂଲଣ୍ଡ ସରକାରଙ୍କ ପୃଷ୍ଠପୋଷକତାରେ ଇଂଲଣ୍ଡ ଯାଇଥିଲେ Artificial Insemination and deep Freeze Method of semen preservation ସମ୍ପର୍କରେ ଉଚ୍ଚତର ଶିକ୍ଷା ଲାଭ ପାଇଁ ।

ସେ ହେଉଛନ୍ତି କନ୍ଧମାଳ ଜିଲ୍ଲାର ଅଧିବାସୀଙ୍କ ମଧ୍ୟରେ ଏକ ବୈଷୟକ ବିଦ୍ୟାରେ ପ୍ରଥମ ଗ୍ରାଜୁଏଟ ଓ ପ୍ରଥମ ପୋଷ୍ଟ ଗ୍ରାଜୁଏଟ ।

**କର୍ମ ଓ ସାଧନା** : ପଶୁପାଳନ ଓ ଚିକିତ୍ସାରେ ଗ୍ରାଜୁଏଟ ଡିଗ୍ରୀ ହାସଲ କରିବା ପରେ ତା - ୭/୧୧/୧୯୩୩ରେ କନ୍ଧମାଳର ଭ୍ରାମ୍ୟମାଣ ଭେଟେରିନାରୀ ଆସିଷ୍ଟାଣ୍ଟ ସର୍ଜନ (VAS )ହିସାବରେ ସେ ସରକାରୀ ଚାକିରୀରେ ଯୋଗ ଦେଇଥିଲେ । ପରବର୍ତ୍ତୀ କାଳରେ ରସଲକୋଣ୍ଡା ( ଭଞ୍ଜନଗର , ୧/୧୧/୪୦ ) ,ଘୁ. ଉଦୟଗିରି (୧/୪/୪୧ ) ଓ ଯାଜପୁର (୩ /୮/୪୭ )ପଶୁ ଚିକିତ୍ସାଳୟରେ ପଶୁ ଚିକିତ୍ସକ ରୂପେ କାର୍ଯ୍ୟ କରିଥିଲେ । ଏହାପରେ ସେ ପୋଷ୍ଟ ଗ୍ରାଜୁଏଟ କୋର୍ସ ପଢିବାକୁ ଯାଇଥିଲେ । ସେଠାରୁ କୃତକାର୍ଯ୍ୟ ହୋଇ ଫେରିବା ପରେ ୧୯୪୯ ରେ ସୁନ୍ଦରଗଡ ଓ କଟକରେ ସହକାରୀ ପଶୁ ଚିକିତ୍ସକ (VAS )ରୂପେ ଅବସ୍ଥାପିତ ହୋଇଥିଲେ ।

ସେ ୧୯୫୦ରେ ଓଡ଼ିଶାର ପ୍ରଥମ Artificial Insemination Officer ରୂପେ ଦାୟିତ୍ୱ ଗ୍ରହଣ କରିଥିଲେ । ୧୯୫୨ରେ ଗେଜେଟେଡ ପୋଷ୍ଟକୁ ଉନ୍ନୀତ ହୋଇ ସେ key village officer ରୂପେ ଅବସ୍ଥାପିତ ହୋଇଥିଲେ । ୧/୪/୬୫ରେ ସେ deputy director ( key village )ଭାବରେ ପଦୋନ୍ନତି ପାଇଥିଲେ । ପଶୁପାଳନ ଓ ଚିକିତ୍ସା ବିଭାଗରେ ଦୀର୍ଘ ୩୪ ବର୍ଷର ଚାକିରି ଜୀବନ ପରେ ୨୭/୧୧/୧୯୬୬ ରେ ସେ ଅବସର ଗ୍ରହଣ କରିଥିଲେ । ତାଙ୍କର ଅଦମ୍ୟ ପ୍ରୟାସ ଫଳରେ ସମଗ୍ର ଓଡ଼ିଶାରେ କୃତ୍ରିମ ପ୍ରଜନନ ପଦ୍ଧତି ବହୁଳ ଭାବରେ ସମ୍ପ୍ରସାରିତ ହୋଇଛି ଓ ଲୋକପ୍ରିୟ ହୋଇପାରିଛି ।

**ବିଭିନ୍ନ ସଂସ୍ଥା ସହ ସମ୍ପୃକ୍ତି :** ସେ ବହୁ ବର୍ଷ ନିଖିଳ ଉତ୍କଳ କୁଇ ସମାଜ ୟୁନିଅନର ସଭାପତି ରହି ଆଦିବାସୀ ସାମାଜିକ ବିକାଶ କାମରେ ନିଜକୁ ଜଡିତ ରଖିଥିଲେ ।ଭାରତ କୃଷକ ସମାଜର ଆଜୀବନ ସଭ୍ୟ ଥିଲେ ।ସେ ଫୁଲବାଣୀରେ କ୍ରୀଡ଼ା ଓ ସାଂସ୍କୃତିକ ଅନୁଷ୍ଠାନମାନଙ୍କର ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ସଂଶ୍ଳିଷ୍ଟ ଥିଲେ । ସୁଦୀର୍ଘ କର୍ମମୟ ଜୀବନ ପରେ ୮୦ ବର୍ଷ ବୟସରେ ୨୨/୦୩/୧୯୯୦ ରେ ତାଙ୍କର ପରଲୋକ ହୋଇଥିଲା ।

( କୁଇ ସମାଜ ଫୁଲବାଣୀର ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା-୨୦୦୬ରୁ ଉଦ୍ଧୃତ )

===●===



## କେନ୍ଦ୍ର ସାହିତ୍ୟ ଏକାଡେମିର ସାହିତ୍ୟ ଉତ୍ସବରେ ଯୋଗଦେଲେ କୁଇ କବି *ପ୍ରଦୀପ କହଁର*

ନୂଆ ଦିଲ୍ଲୀ ଠାରେ ତା-୧୦ ରୁ ୧୫ ମାର୍ଚ୍ଚ ପର୍ଯ୍ୟନ୍ତ ଅନୁଷ୍ଠିତ କେନ୍ଦ୍ର ସାହିତ୍ୟ ଉତ୍ସବରେ କୁଇ ଭାଷା ତରଫରୁ କୁଇ କବି ଶ୍ରୀ ପ୍ରଦୀପ କହଁର ଯୋଗଦାନ କରି ସ୍ୱରଚିତ କୁଇ କବିତା ପାଠ କରିବା ସହ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

କେନ୍ଦ୍ର ସାହିତ୍ୟ ଏକାଡେମିର ଅନୁରୋଧ କ୍ରମେ କୁଇ କବି ଶ୍ରୀ କହଁର ୧୧ ତାରିଖରେ ଅନୁଷ୍ଠିତ ଆଦିବାସୀ କବି ସମ୍ମିଳନୀରେ କୁଇ ଜାତି ଓ କୁଇ ଭାଷାର ପ୍ରତିନିଧିତ୍ୱ କରିଥିଲେ । ଏଠାରେ ଭାରତର ସମସ୍ତ ରାଜ୍ୟରୁ କବି ଲେଖକ ମାନେ ଯୋଗଦାନ କରି ନିଜ ପ୍ରତିଭାର ପ୍ରଦର୍ଶନ କରିଥିଲେ । ବିଶେଷ ଭାବରେ ଆଦିବାସୀ କବିମାନଙ୍କ ନିଜ ନିଜ ଭାରେ କବିତା ପାଠ ସମସ୍ତଙ୍କୁ ମନମୁଗ୍ଧ କରିଥିଲା । ଶ୍ରୀ ପ୍ରଦୀପ କହଁର ମଧ୍ୟ ଏକ ସ୍ୱରଚିତ କୁଇ କବିତା ପାଠ କରି ଶ୍ରୋତା ମାନଙ୍କୁ ତା'ର ଅର୍ଥ ବୁଝାଇ ଦେଇଥିଲେ । ଆଜିପର୍ଯ୍ୟନ୍ତ ଆମ କୁଇ ଭାଷା ଏକ କଥିତ ଭାଷା ହୋଇ ରହିଛି ,ଯାହାକୁ ସରକାରୀ ମାନ୍ୟତା ମିଳିପାରି ନାହିଁ ।

# ମାଇ କୁଇ ଲ'କୁତାରି ଟେକିଙ୍ଗା ମାସ୍ପା

## ( ଏକୋଶିଆ ବା ଜନ୍ମ ହାଣ୍ଡିସରା )

କାତନିକ - ବିଶ୍ୱମ୍ବର ପ୍ରଧାନ

ଇ' ପୂର୍ବିତା , ଦିନାତ୍ନି ତ୍ରାନ୍ଦା କାମାକାରା ଚଳିଆବାତାଙ୍ଗି ଜାତି ଇଞ୍ଜାନା ବେଗାଲି ବେଗାଲି ଆତେରୁାତ୍ରାନ୍ଦାରି ନେଗି ସେଲୁ ଗୁଲେ ଜାତି ତାନି ନିତି ନିୟମ ଇଟି ତେରୁ। ସଂସ୍କାର ମିଡା ଗାଡ଼ି ଆତେକା, ଡ଼ାଞ୍ଜିତାକା, ସାତେକା ତାନା ଜାତିତା ଚଳଣି ପ୍ରଥା କାବାଡ଼ା ତୁହାନା। ଜାତି ବିରୋଧି କାମ ଗିତେକା ତାନା ଜାତିତାରା ରିତି ନିତି ଆହାନା ଜାତିତାନି ମିଶା ଆବା ସେଲୁ ପାଞ୍ଚଭାଇ ତାଙ୍ଗେ ମିଶା ଆବା ସେଲୁ ସଂସ୍କାର(ଅରାସ) ଇଟିତେରୁ । ଗୁଲେ ଜାତିତା ସଂସ୍କାର ପଦ୍ଧତି ମାସେକାବେ, କାବାଡ଼ି ଗିନାରି ପଦ୍ଧତି ବେଗାଲି ବେଗାଲି ଆନେ ।

ମାଇ କୁଇ ଲ'କୁ ତାରି ଟେକିଙ୍ଗା ମାସ୍ପା, ଇଜ ଆନି କାମ ଗିତେକା ନେଗି ସେଲୁ, ଇଡୁ ଗୁଡ଼ି ଗୁହକା ଗୁହକି ଗିଆନା, ପାଡା ବାକା ଟେକିଙ୍ଗା ତୁହାନା, ପୁନି(ନୂଆ) ଟେକିଙ୍ଗାନି ବାଜିତେକା ଟେକିଙ୍ଗା ମାସ୍ପା ଇନେରୁ। ଏ ବାହାଡ଼ାଇ ମିଡା ଗାଡ଼ି ଆତେକା ଟେକିଙ୍ଗା ମାସ୍ପା ମାଇ ଲ'କୁ ଗିନେରୁ। ମିଡା ଗାଡ଼ି ଆତେକା କୁଇ ଲ'କୁ, ଏକଲିପାକି, ସୁଗେରିତା ରାହି ଆନେରୁ। ତିନି ଚାରି ଦିନା ଗାଲା ମିଡାତା ପୁଣେଞ୍ଜି ଦିତେକା ମାରା ଇଆ ପୁଣେଞ୍ଜି ସିଣ୍ଡା ପାଣ୍ଡା ଗିନେ ( ଜ'ଗି ସାନେ) ।ପାଞ୍ଚ ଛଅ ଦିନା ଗାଲା ରାହ୍ ତାଙ୍ଗି ବାବା ଆଇମାନେ। ପୁଣେଞ୍ଜି ବାତେକା ପୁନି ଟେକିତା ସିଙ୍ଗା ସିର ପ୍ଜିଆ ଡେଗା ଡ଼ାଇ ଏଜ ଗୁଡ଼ି ଲାସକାନା ରାହ୍ ତାଙ୍ଗି ବାବା ଦିନେ। ରହାତାଙ୍ଗି ବାନାବା ମିଡାତାନି, ମ୍ରେହା ମିଡା ଆତେ ବିଡୁ ଗୁଡ଼ି ( ଧନୁଶର) ଆହ୍ପା ଗିଆନା ସ୍ଡ଼ପା ବା'ବା ଆଇନେ। ଆସା ମିଡା ଆତେକା ପ୍ରା'ଙ୍ଗା କୁଡିଙ୍ଗା ଇଟାନା, ସେପେରି କଡୁ ଡୁସା ଗିଆନା ରାହାତାଙ୍ଗି ସ୍ନହପା ଗିବା ଆଇମାନେ । ମାଗୁଇଆ ଇଆ ଡେଙ୍ଗି ଅକଲି ଡ଼ାଇ ରାହାତାଙ୍ଗି ବା'ଜାନା ଏଜକି ସାନେ। ରାହାତାଙ୍ଗି ବାଆଲାକ ମିଡାତାନି ଅମ୍ବାଏୱେ ଡିଗାଇ ଦୁଅ । ବେଗାଲି ଜାତିକା ଗାଡ଼ି ଆଜେସି ତାନି ବେଗାଲି ଲ'କୁ ଡିଗିନୁ। ରାହାତାଙ୍ଗି ବାନି ରାହ୍ ଗୁଲେ ଗୁଲେଲ'କୁ ଡି'ଗା କାହ୍ଗିନୁ । ଏସି ଗାଲା ଏପୁଣେଞ୍ଜି ଟେକି କକୁ କସ୍ପାମା, ପାଲା ବାଜାନା, କଗେରି କଗେରି ମିଡାକାନି ତିନବା ତାଙ୍ଗି ସିବା ଦିନେ, ଏ'ରା ( ସାନ ହାଣ୍ଡି) ସା'ସିଙ୍ଗା ଇଞ୍ଜିମାନେରୁ।

ମାଇ କୁଇ ଲ'କୁ ତାକା ଏକଶିଆ ଦିନାଡ଼ାଇ ଟେକିଙ୍ଗା ମାସ୍ପେରୁ, ବେଗାଲି ଜାତିତା ଇରେ ମାନେ। ମାଇଲ'କୁ ଏରାତେଙ୍ଗି ଗିତେକା ଗିଣି ଆନେରୁ। ମିଡାଟାଡିନାରୀ ଗାନ୍ଦା ପିହା ସିଡେ ଇନେରୁ। ୩ ମାସ ଆତେକା ଦେରି ଟେକିଙ୍ଗା ମାସ୍ପିନେରୁ। ଏସେ ଜାକ ନାକୁ ନିତି ମଇ ବାହାରେ ମାଞ୍ଜା ଦୁନେରୁ। ଟେକିଙ୍ଗା ମାସ୍ପା ବେଲା ଗାଲାଙ୍ଗି ନାକୁ ଗୁଡ଼ା ଦାଦା କକୁରି ଆର୍ସାନାଙ୍ଗା ଜା'କେରା ବ'କେରା ଆବାରିକି ପା'ସା ଟେକି ରଣ୍ଡା ସି'ବାଦିନେ। କାଲୁ ଆତେକା ଗୁଲେଲ'କୁ ଉନେରୁ।

ମିଡା ତାଙ୍ଗି ଗୁଲେଲ'କୁରିକି ଆର୍ସାନା ତାନା କାକ୍ତୁଡି ଜା'କେରା ବ'କେରା ସିନେଞ୍ଜୁ । ଗୁଲେ ଲ'କୁ ପାନି ଡାଣ୍ଡେ। ତାନା କାକ୍ତୁଡାଇ ନେଞ୍ଜୁଡ଼ାଇ ତିନାମୁ ଉନାମୁ ଇଞ୍ଜା ଟା'ଣା, ସରୁ, ପିଦେରି ପିତା,ର'କେଣି ଜ'ଗେଣି ବା'ଟେଣୀ କ'ଟେଣୀ, ସୁଗା ପେନୁ, ବାନ୍ଧା ପେନୁ,ତାଙ୍ଗି କାଲୁ ତପୁ ଇମ୍ବେରୁ।

**କେଲ୍ଡା –** "ଇଆ ଚାରି ଧର୍ମ ସେଣ୍ଡ ମାଞ୍ଜି ବୁରାପେନୁ, ନେଡେ ମାଞ୍ଜି ଟା'ଣାପେନୁ ନିଙ୍ଗେ ନେଞ୍ଜୁ କାଲୁ ତପୁ ଇସ୍ପିଙ୍ଗନାମୁ ଇବି ଆଡେ କାଲୁ ଆଏ ବିଡେ କାଲୁ ଆଏ । ଏଆନ୍ ଲ'କୁ ତାଞ୍ଜୁ ମାରାଆ ସେଞ୍ଜୁ ସ'ସା ସେଞ୍ଜୁ, ଟେକି ଏସା ସାମୁ, ବାଣ୍ଡି ଏସା ସାମୁ, ସୁଗା ଏସା ସାମୁ, ବାନ୍ଧା ଏସା ସାମୁ, ନେଞ୍ଜୁ ଜାତି କାଲୁ ସିଆ ତେଞ୍ଜୁ, ଜାତି ଆତେଞ୍ଜୁ ମୁକ୍ତି ଆତେଞ୍ଜୁ, ଇଡୁ ଗଡୁସା ସାମୁ, ଗୁଡି ଏ'ସା ସାମୁ। ନେଞ୍ଜୁଡ଼ାଇ ଇଡୁ ପାଟେଞ୍ଜୁ। ତ୍ରାଙ୍ଗେ ତେରୁମୁସେ ପରୁମୁସେ ଜାଲା ସିଡା କାରି, କାରା ସିଡା କାରି, ସୁଗା ସାନା ବାନି,ବାନ୍ଧା ସାନା ବାନି ତେରୁମୁ ପରୁମୁ। ନାଡାଙ୍ଗି ଉଜାଡ଼ି ବାନବା ପୁଟୁଣି ଗିଆ ଜଜଡ଼ି ଗିଆ ଚାରି ଧର୍ମ ସାଜି ଦୁନାବା ବାଇ ଦୁନାବା ପରୁମୁ ତେରୁମୁ।

ଅ' ତାରେକା ତାତ୍ରେରୁ ପୁରେକା ତାତ୍ରେରୁ, ଆବା ତାତ୍ରେରୁ ,ଆକେ ତାତ୍ରେରୁ, ବଡୁ ତାତ୍ରେରୁ ଇରୁ ଇସିଂ ସି୍ଦି ଗିଆସେରୁ ବିଦି ଇଟାସେରୁ ଏ' ବିଦି ଏ ସିଦି ଆହା୍ନା ନେଞ୍ଜୁ ମାରାଆ ସେଞ୍ଜୁ ସ'ସା ସେଞ୍ଜୁ ଇଡୁ ସିତାମୁ, ଗୁଡି ସିତାମୁ, ସୁଗା ସିତାମୁ ,ବାନ୍ଧା ସିତାମୁ,ନାଣି ସିତାମୁ ଦୁଆ ସିତାମୁ ଗୁଇଡ଼ି ଆଜା କୁଇଡ଼ି ଆଜା ଆଜାନା ତେର୍ଦୁ ପର୍ଦୁ। ଜାଲା ଗିଆଟୁ, କାରା ଗିଆଟୁ, ପିଟୁଣି ଗିଆଟୁ ଜଜଣି ଗିଆଟୁ, ଏଙ୍ଗା ସା'ଞ୍ଜାକାରି ଆପାକାରି ।

ଇଆ ର'କେଣି, ଜ'ଗେଣି, ବା'ଟେଣି, କ'ଟେଣି, ମାସା ସାକେ, ବୁଡୁକା ସାକେ, କେଞ୍ଜା ଗାଣି, ପୁଞ୍ଜା ଗାଣି, ବାଗା ସିଦି କହା ସିଦି, ପାଦା ପୁନାମୁ ନାଅ ପୁନାମୁ ଆଡା କାରି ସା'ଞ୍ଜା କାରି ଆଡା ଗିମୁ ସା'ଞ୍ଜା ଗିମୁ ମେ'ଲା ସିମୁ।........ "

କାଲୁ ତପୁ ଇସାନା ନେଞ୍ଜୁ ପାଲା ଜଲ ଉଟା ବିଏ କାଲୁ ଉନା ଇଞ୍ଜା ଗୁଲେ ସାନେରୁ। ବେଅଟି ଗାଲାଙ୍ଗା ସାଇ ଭାଇ ନାକୁ ଗୁଡା ଗୁଲେ ଉ'ଜାନା ପୁଣେଞ୍ଜି ମିଡାତାରା କୁଟା ଦାଃନେରୁ। ପର୍ଡେ ମାନେ, ତାନା ବଂଶ(କ୍ଲାମ୍ବୁ /ପୂର୍ବ ପୁରୁଷ) ଆକେ ବଡୁ ନାକୁ ଗୁଡା ଏମ୍ବେରୀ ବାହ୍ ଜେ'ଡା ମାଞ୍ଜା ଦୁନେ। ତାପେ ଜିଉ ଦିଆନା ଗାଡ଼ି ଆନେ । ଜିଉ ପାଟେକା ତାନା ପାଦାଡ଼ାଇ ପିଦେରି ଲା'କା ଦି'ନେ। ପିଦେରି ଲା'କିନାବା ପାଏରି ଆ'କା ଗାଟି ପୁଞ୍ଜି ସି'ବା ଆନେ। କିରେଣା ଆହା ପରେଣି ଆହା ପାଦା ପୁଞ୍ଜାତାମୁ ନାଆ ପୁଞ୍ଜାତାମୁ ସା'ଞ୍ଜାଡ଼ାଇ କେତା ତେଙ୍ଗି ପତା ତେଙ୍ଗି କାହାମୁ।

ପିଦେରି ପିତା ପୁଞ୍ଜି ସିନେରୁ, ସେଣ୍ଡା ମିଡା ଆତେକା ଅ'ଡା ଡିକ୍କେରୁ ଆ'ଆତେକା କଜୁ , ସେନି ଟୁଣୁଡା ବେନେରୁ ଏଙ୍ଗା ରାକା ବଲି ସିଆନା। ଡାବି ଗିଆନା ଇଟିନେରୁ ମିଡାଇ ଜମ୍ବାତା ସିଙ୍ଗା ନିଜୁ ତା'ଜାନା କାଡୁ ନମ୍ବେରୁ।

ଜା'କେରି ବା'କେରି ଦେରି ବୁଡା ଆବାଙ୍ଗା ନିକି ମାରା ଦୁନାରି ଇଆ ରଣ୍ଡେ ପୁନି ଟେକିତା ପା'ଲା ବାଜିନେ। କଜୁ ଜଲ ବାଜିନେ।

ଏରା ବେଡ଼େକା ୱେ'ଲେ ବୁଡା ଆବାଙ୍ଗାନି ଏଜକି ଆର୍ସାନାଇ ,ପିଦେରି ତାନି ସିଆନାଇ, ଗାଡ଼ି ଆଜାନି ପୁଣେଞ୍ଜି ମିଡାଇ ପାଳ କେଲେଡ଼ାଇ ତିମ୍ବେରୁ। ଦିନାଗିମୁ ଦେଶାଗିମୁ କେଲେ ଡେହେଙ୍ଗି କଙ୍ଗଣି ଆନି ଜାକ ରାହିଃ ଆମୁ। ନେଞ୍ଜୁଡ଼ାଇ ବା'ଗା ଇଟା ତାମୁ, ନେଞ୍ଜୁଡ଼ାଇ ଇନୁ ବା'ଗା ପାଟି। ଇଞ୍ଜାନା ଡ୍ରାଙ୍ଗେ ତିମ୍ବେରୁ ଏଙ୍ଗା ବୁଡାଙ୍ଗା କଜ୍ଜାନା ଗୁଲେ ବିଟାଲି ପାଲା ମାଗୁଇଆ ବାଜାଦୁନାରା ସିପ୍କିନେ। ଏ'ରା ତିହ୍ମା ମୁ'ନି ବେଅଟି। ଗୁଲେଲ'କୁତାରା ଦାଲା ବଲ ଆଜାନା ତିହ୍ମା ଉହ୍ମା ଗିନେରୁ।

ର'ଦିନାତା ର'କାତା, ଏସ୍ତି ଦିନାତା ଇସିଂ ଗିପିନେରୁ, ଗୁଲେ ରଅ ଡେହେଙ୍ଗି ବିଦି ଗିବା ଆଇନେ। ମାଇ ଦିନାତା ସି'କ, ସା'ଙ୍ଗେରି, ଟେକିଙ୍ଗା ମାସ୍କା ଦେହାବାଗା ଇଆ ଡେହେଙ୍ଗି ଗିପି ମାନେରୁ। ଭୁଲ ମାସେକାନେ ଟିକ୍କା ଗିଆନା ସୁପାଡ଼ି(ମତାମତ) ଇଟାଦେରୁ। ନେଞ୍ଜୁ ବିଏ ଦିନାତା ବେ'ଗାଲି ବେ'ଗାଲି ସା'ସିଙ୍ଗାନାରା ମେହା୍ନା ଟେକିମସ୍କା(ଏକଶିଆ) ଗିପି ମାନେରୁ। ମିଇ ନକିଟି ଇରା ଇଟାଜାନି ବାଗା ଗୁଲେ ଆବାରି, ପୁନବାଗାଟିଆବାରି , ଜମାଜତା ଡୁ'ପାଗାଟାରି ଜେ'ଡା ଜହାରି ।

ଯୁଗ୍ମ ସମ୍ପାଦକ, କୁଇ ସମାଜ ଯୁବ ପରିଷଦ
ନାକୁ- କାଙ୍ଗାନାଡ଼ା, ମିଣିଆ




କୁଇ ସମାଜ ଯୁବ ପରିଷଦ କନ୍ଧମାଳ ର ପ୍ରତିଷ୍ଠାତା ତଥା ପ୍ରଥମ ସଭାପତି ଡା. ନୀରଦ ଚନ୍ଦ୍ର କହଁର ( ବର୍ତ୍ତମାନ ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ,ବୌଦ୍ଧ) କୁଇ ସମାଜ ଯୁବ ପରିଷଦ କନ୍ଧମାଳର କାର୍ଯ୍ୟରେ ଖୁସି ହୋଇ ଯୁବ ପରିଷଦ ର ବିକାଶ ନିମନ୍ତେ ସହୃଦୟତାର ସହ ଏକ ଆଲମିରା ପ୍ରଦାନ କରିଛନ୍ତି ।

ଆମେ ଡା ନୀରଦ ଚନ୍ଦ୍ର କହଁର ଆଞ୍ଜାଙ୍କୁ ବହୁତ ବହୁତ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିବା ସହ ଟାଣାପେନୁ ,ବୁରାପେନୁଙ୍କ ନିକଟରେ ପ୍ରାର୍ଥନା କରୁଅଛୁ ଯେ ତାଙ୍କ ଆଗମୀ ଭବିଷ୍ୟତ ଉଜ୍ଜ୍ୱଳ ହେଉ, ତାଙ୍କୁ ଦୀର୍ଘ ପରମାୟୁ ପ୍ରାପ୍ତ ହେଉ ଓ ତାଙ୍କର ଉତ୍ତରୋତ୍ତର ଉନ୍ନତି ହେଉ ।

**ଜୟ କୁଇ ସମାଜ**

**ପତ୍ରିକା ସମ୍ବନ୍ଧୀୟ ଆବଶ୍ୟକ ନିୟମାବଳୀ...............**

୧. 'କୁଇ ଦିନା ' କୁଇ ସମାଜ ସେବା ସମିତି (Reg. No- 14/19954-55) ଦ୍ଵାରା ପ୍ରକାଶ ହେଉଥିବା ଏକ ମାସିକ ପତ୍ରିକା ।

୨. ବର୍ତ୍ତମାନ ଏହାକୁ କୁଇ ସମାଜ ଯୁବ ପରିଷଦ ଦ୍ଵାରା ପ୍ରକାଶ କରାଯିବା ପାଇଁ ସ୍ଥିର କରାଯାଇଅଛି

୩ . ଏଠାରେ ପ୍ରକାଶ ପାଉଥିବା କବିତା ,ଲେଖା ,ଗଳ୍ପ ସବୁ ଲେଖକଙ୍କ ନିଜସ୍ଵ ମତ ଓ ତାହା ପାଇଁ କୁଇ ସମାଜ ସେବା ସମିତି କିମ୍ବା କୁଇ ସମାଜ ଯୁବ ପରିଷଦ ଦାୟୀ ରହିବେ ନହିଁ ।

୪. ଯେହେତୁ ଏହା ଏକ ପତ୍ରିକା ଏଠାରେ ପ୍ରକାଶିତ ହୋଇଥିବା କୌଣସି ଜିନିଷକୁ ଭାରତ ସରକାରଙ୍କ କୋର୍ଟ କିମ୍ବା କୁଇ ସମଜରେ ପ୍ରମାଣ ଭାବରେ ବ୍ୟବହାର କରାଯାଇ ପାରିବ ନାହିଁ ।

୫ . ଏହି ପତ୍ରିକା ପାଇଁ ଲେଖା ଦେବାକୁ ସମସ୍ତ କୁଇ ପ୍ରେମିଙ୍କୁ ଅନୁରୋଧ । ଲେଖା ପଠାଇବା ପାଇଁ ଠିକଣା – କୁଇ ସମାଜ ସେବା ସମିତି ଫୁଲବାଣୀ କାର୍ଯ୍ୟାଳୟ, ନିକଟସ୍ଥ ଜଗନ୍ନାଥ ମନ୍ଦିର ,୭୬୨୦୦୧, ଜିଲ୍ଲା- କନ୍ଧମାଳ, email-kuidinapatrika@gmail.com ,mob- 8895531064

ଲେଖା ଗୁଡିକ ସ୍ଵରଚିତ ହେବ ଆବଶ୍ୟକ । ତାକୁ ଭଲ ହାତ ଲେଖା କିମ୍ବା computer type କରି ଡାକ ମାଧମରେ କିମ୍ବା email ନଚେତ ଦିଆଯାଇଥିବା mobile number ରେ whatsApp କରି ପାରିବେ ।

୬ . କୁଇ ସମାଜ quiz ରେ ପଚରାଯାଇଥିବା ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ପ୍ରକାଶ କରାଯିବ ଓ ଯେଉଁମାନେ ତାହାର ଉତ୍ତର ପଠାଇଥିବେ ପ୍ରଥମ ପାଞ୍ଚ ଜଣଙ୍କ ନାମ ପତ୍ରିକାରେ ପ୍ରକାଶ ପାଇବ

୭ . ଏହି ପତ୍ରିକାକୁ ଆପଣମାନେ ଉପରେ ଦିଆଯାଇଥିବା କୁଇ ସମାଜ ସେବା ସମିତି ଠିକାଣାରୁ ପ୍ରାପ୍ତ କରିପାରିବେ ନଚେତ କୁଇ ସମାଜ ଯୁବ ପରିଷଦ କର୍ମକର୍ତ୍ତାଙ୍କ ଠାରୁ ମଧ୍ୟ ପାଇ ପାରିବେ

୮ . ଯିଏ ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଇଚ୍ଛା ପ୍ରକାଶ କରନ୍ତି ତଥା ପତ୍ରିକା ବିଷୟରେ ସବିଶେଷ ସୂଚନା ପାଇଁ ଆମ ସହ ଫୋନରେ ଯୋଗାଯୋଗ କରି ପାରିବେ । ଫୋନ ନମ୍ବର – ୮୯୧୭୩୧୭୬୩୭ (ଗୋଲକ ବିହାରୀ କହଁର ) ।

## କୁଇ ସମାଜ ଯୁବ ପରିଷଦ କର୍ମକର୍ତ୍ତା

| | | |
|---|---|---|
| ସଭାପତି | ଦେବାଶିଷ କହଁର | mob - ୮୮୯୫୫୩୧୦୬୪ |
| ଉପ-ସଭାପତି | ମଙ୍ଗରାଜ ପ୍ରଧାନ | mob – ୮୭୬୩୫୭୯୩୩୬ |
| | ଆଲୋକ କହଁର | mob – ୯୪୩୯୩୯୯୬୪୭ |
| | ଭୀମସେନ ପ୍ରଧାନ | mob – ୮୨୬୦୯୨୪୩୦୦ |
| ସମ୍ପାଦକ | ଅଚ୍ୟୁତ ଯାନୀ | mob – ୯୪୩୮୬୩୦୬୭୪ |
| ଯୁଗ୍ମ- ସମ୍ପାଦକ | ନିତ୍ୟାନନ୍ଦ ପ୍ରଧାନ | mob – ୯୮୬୧୭୩୮୯୭୫ |
| | ଗୌତମ ମଲ୍ଲିକ | mob – ୯୪୩୮୮୧୦୩୨୬ |
| | ବିଶ୍ୱମ୍ବର ପ୍ରଧାନ | mob – ୭୭୩୫୬୧୪୭୯୭ |
| କୋଷାଧ୍ୟକ୍ଷ | ଗଗନ କହଁର | mob- ୭୬୫୫୦୬୦୫୭୭ |
| ସହ- କୋଷାଧ୍ୟକ୍ଷ | ଭାବିନ୍ଦ୍ର କହଁର | mob- ୮୨୮୦୦୧୮୧୯୧ |
| ସଦସ୍ୟ | ସୁବଳ କହଁର | mob- ୭୬୫୬୦୮୯୯୦୭ |
| | ଆକାଶ କହଁର | mob – ୮୮୯୫୫୩୧୦୬୪ |
| | ଗୋଲକ ବିହାରୀ କହଁର | mob-୮୯୧୭୩୧୭୬୩୭ |

## କୁଇ ସମାଜ ସେବା ସମିତି ଫୁଲବାଣୀ କର୍ମକର୍ତ୍ତା

| | | |
|---|---|---|
| ସଭାପତି | ସୁଦର୍ଶନ କହଁର | mob – ୯୪୩୭୬୪୫୨୨୧ |
| ଉପ- ସଭାପତି | ରାମାକାନ୍ତ ମଲ୍ଲିକ | mob - ୮୮୯୫୨୩୮୪୮୨ |
| ସମ୍ପାଦକ | ଅବନୀ କୁମାର କହଁର | mob – ୯୪୩୭୫୫୮୭୭୯ |
| ସହ- ସମ୍ପାଦକ | ଅଚ୍ୟୁତ ଯାନୀ | mob - ୯୪୩୮୬୩୦୬୭୪ |
| କୋଷାଧ୍ୟକ୍ଷ | ଭାବିନ୍ଦ୍ର କହଁର | mob – ୮୨୮୦୦୧୮୧୯୧ |
| ମୁଖ୍ୟ ସଭ୍ୟ | ଗୌତମ ପ୍ରଧାନ | mob - ୮୭୬୩୯୨୧୫୫୩ |
| ନାରୀ ନେତ୍ରୀ | ସୌଦାମିନୀ କହଁର | mob- ୮୯୧୭୫୫୨୬୩୬ |
| ନାରୀ ଉପ-ନେତ୍ରୀ | ସାଇବାଣୀ କହଁର | mob – ୯୪୩୮୭୧୬୮୧୩ |
| ନାରୀ ସମ୍ପାଦିକା | ଗୀତାଞ୍ଜଳି କହଁର | mob - ୮୮୯୫୩୩୩୩୨୩ |




48MP AI TRIPLE CAMERA
Shot on realme narzo 20
2021/03/28 16:03


କୁଇ ଭାଷା ସାହିତ୍ୟ ସମିତି, କନ୍ଧମାଳ, ଓଡିଶା
ଓ
କୁଇ ସମାଜ ଯୁବ ପରିଷଦ, କନ୍ଧମାଳ, ଓଡିଶାର
ମିଳିତ ଆନୁକୂଲ୍ୟରେ
କୁଇ ଭାଷା ସାହିତ୍ୟ ଆସର ଓ ଆଲୋଚନା ଚକ୍ର